

# ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

## ୨୦୨୪



ଦୁଇଥର ପଦ୍ମ ଦୁଇଗୁଣା ବିକାଶ

## ଓଡ଼ିଶାରେ ହେବ ବିଜେପି ସରକାର

# ସୂଚୀ ପତ୍ର


| | |
|---|---|
| ବିକଶିତ ଭାରତ ପାଇଁ ବିକଶିତ ଓଡିଶା: ୨୦୩୬ ପୂରୋଦୃଷ୍ଟି | 01 |
| ଦଳ ସଭାପତିଙ୍କ ଚିଠି | 02 |
| ସଂକଳ୍ପ ପତ୍ର କମିଟି ପ୍ରମୁଖ ଙ୍କ ଚିଠି | 03 |
| ପ୍ରମୁଖ ୨୧ ସଙ୍କଳ୍ପ | 05 |
| କୃଷି ଓ କୃଷକ କଲ୍ୟାଣ, ମତ୍ସ୍ୟ ଚାଷ ଏବଂ ପଶୁ ପାଳନ | 11 |
| ଶିକ୍ଷା | 15 |
| ଯୁବ ଏବଂ କ୍ରୀଡା | 18 |
| ଅର୍ଥନୀତି ଓ ଶିଳ୍ପାୟନ | 21 |
| ନିଯୁକ୍ତି | 24 |
| ସ୍ୱାସ୍ଥ୍ୟ ଏବଂ ପୃଷ୍ଟି | 26 |
| ମହିଳା ଏବଂ ଶିଶୁ ବିକାଶ | 29 |
| ଜନଜାତି କଲ୍ୟାଣ | 31 |
| ସାମାଜିକ କଲ୍ୟାଣ | 33 |
| ଉତ୍ତମ ଶାସନ | 36 |
| ପରିବେଶ, ଜଙ୍ଗଲ ଏବଂ ପ୍ରାକୃତିକ ସମ୍ପଦ | 39 |
| ଭିତ୍ତିଭୂମି | 42 |
| ଆମ ଓଡ଼ିଶା, ଆମ ଅସ୍ମିତା, ଆମ ପରିଚୟ | 44 |
| ପର୍ଯ୍ୟଟନ | 46 |
| ସହରାଞ୍ଚଳ ବିକାଶ | 48 |
| ଗ୍ରାମାଞ୍ଚଳ ବିକାଶ | 50 |
| ଆଞ୍ଚଳିକ ବିକାଶ | 52 |



# ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା

## ୨୦୩୬ ପୁରୋଦୃଷ୍ଟି

## ଜୟ ଜଗନ୍ନାଥ

ଆମେ ଶ୍ରଦ୍ଧା ଓ ସମ୍ମାନର ସହ ଓଡ଼ିଶାର ପବିତ୍ର ଭୂମିକୁ ପ୍ରଣାମ କରୁଛୁ, ଯେଉଁଠାରେ ସମୟର ସମସ୍ତ ଆହ୍ୱାନକୁ ପ୍ରତିହତ କରି ଏକ ସହନଶୀଳ ସଂସ୍କୃତି ଓ ଆଧାତ୍ମିକ ଐତିହ୍ୟ, ଅତୀତ ଓ ପ୍ରଗତିଶୀଳ ଭବିଷ୍ୟତ ଭିତରେ ସେତୁ ରୂପେ କାର୍ଯ୍ୟ କରି ଆସିଛି।

ଓଡ଼ିଶାର ଲକ୍ଷ୍ୟ ସମସ୍ତଙ୍କର ମଙ୍ଗଳ ପାଇଁ ଏକ ସାମଗ୍ରିକ ବିକାଶରେ ନିହିତ ରହିଛି । ଏହାର ଆରମ୍ଭ ହେଉଛି କୃଷି କ୍ଷେତ୍ରକୁ ଅମଲାତାନ୍ତ୍ରିକ ଜଟିଳତାରୁ ମୁକ୍ତ କରିବା ଓ କୃଷକମାନଙ୍କୁ ସୁଦୃଢ଼ ଭିତ୍ତିଭୂମି ଏବଂ ସହାୟତା ସୁନିଶ୍ଚିତ କରିବା। ନବସୃଜନ, ବିକାଶର ସୁଯୋଗ ଏବଂ ନୂତନ ଶିକ୍ଷା ନୀତିର ସଠିକ୍ କାର୍ଯ୍ୟାନ୍ୱୟନ ଦ୍ୱାରା ଆମେ ଯୁବବର୍ଗଙ୍କୁ ସଶକ୍ତ କରିବୁ, ସେମାନଙ୍କ ସାମର୍ଥ୍ୟକୁ ବିକଶିତ କରି ସ୍ୱର୍ଣ୍ଣିମ ଓଡ଼ିଶାକୁ ସମୃଦ୍ଧି ଆଡକୁ ନେବା ପାଇଁ ଆମେ ଦୃଢ ସଙ୍କଳ୍ପ ନେଉଛୁ । ଏହା ବ୍ୟତୀତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସାମଗ୍ରିକ ବିକାଶର ଏକ ନୂତନ ଯୁଗ ଆରମ୍ଭ କରିବା ସହିତ ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରକୁ ପୁନର୍ଜୀବିତ କରିବା ପାଇଁ ଆମେ ପ୍ରତିବଦ୍ଧ। ଓଡ଼ିଶାର ଅପାର ସମ୍ଭାବନାର ଉପଯୋଗରେ ଏକ ବିକଶିତ ଭାରତ ଗଠନ କରିବାର ଚାବିକାଠି ନିହିତ ରହିଛି । ଏହାକୁ ହାସଲ କରିବା ନିମନ୍ତେ ଆମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହାର ମୂଳଦୁଆକୁ ସଶକ୍ତ କରିବା ସହ ଏକ **'ବିକଶିତ ଓଡ଼ିଶା'**ର ପରିକଳ୍ପନା କରିବା ମଧ୍ୟ ଆବଶ୍ୟକ।

ଯୁଗ ଯୁଗରୁ ଭାରତୀୟ ଜନତା ପାର୍ଟି ଓଡ଼ିଶାକୁ ପୂର୍ବ ଭାରତର ଶକ୍ତିକେନ୍ଦ୍ର ଭାବେ ପରିକଳ୍ପନା କରିଆସୁଛି, ଯେଉଁଠାରେ ସାମାଜିକ-ଅର୍ଥନୈତିକ ଆହ୍ୱାନର ଆମୂଳଚୂଳ ସମାଧାନ କରାଯାଇପାରିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାର ଶହେ ବର୍ଷ ପୂର୍ତ୍ତି ଉତ୍ସବ ୨୦୩୬ରେ ପାଳନ କରିବ । ଓଡ଼ିଶାର ଅସୀମ ସୁଯୋଗ ଦ୍ୱାରା ସମସ୍ତ ସ୍ୱପ୍ନକୁ ସାକାର କରିବା ହେଉଛି ଆମର ଲକ୍ଷ୍ୟ ଜାତୀୟ ବିକାଶ ରୋଡମ୍ୟାପରେ ଉଲ୍ଲେଖ କରାଯାଇଥିବା ଗରିବ ପରିବାର ଜନ, ଯୁବପିଢ଼ି , ଅନ୍ନଦାତା ଏବଂ ନାରୀଙ୍କୁ ସମସ୍ତ କ୍ଷେତ୍ରରେ ପ୍ରାଧାନ୍ୟ ପ୍ରଦାନ କରିବା ଆମର ଏକମାତ୍ର ଉଦ୍ଦେଶ୍ୟ।

**"ସବୁ ହାତକୁ କାମ, ସବୁ କ୍ଷେତକୁ ପାଣି ଓ ସବୁ ମୁଣ୍ଡକୁ ଛାତ"** - ବିଜେପିର ଏହି ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ଏକ **"ବିକଶିତ ଓଡ଼ିଶା"** ଗଠନ କରିବୁ, ଯେଉଁଠି କୃଷକମାନେ ଉନ୍ନତି କରିବେ, ଯୁବକମାନେ ରୋଜଗାର ପାଇବେ ଏବଂ ମହିଳାମାନେ ସଶକ୍ତ ହେବେ। ଆମେ ୨୦୩୬ ସୁଦ୍ଧା ରାଜ୍ୟକୁ ଏକ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ।

ନିର୍ଣ୍ଣାୟକ ନେତୃତ୍ୱ ଏବଂ ଲକ୍ଷ୍ୟସାଧନ ନିମନ୍ତେ ସଠିକ ପଦକ୍ଷେପ ମାଧ୍ୟମରେ , ଆମେ ଓଡ଼ିଶାକୁ ଉତ୍କୃଷ୍ଟ ଓଡ଼ିଶା ଆଡକୁ ଆଗେଇ ନେବୁ ଯେଉଁଠାରେ ସମସ୍ତଙ୍କ ପାଇଁ ସମୃଦ୍ଧି, ସୁଯୋଗ ଏବଂ ସଶକ୍ତିକରଣ ଉପଲବ୍ଧ ହେବ। ବିଜେପିର ଅତୁଟ ପ୍ରତିବଦ୍ଧତା ଓଡ଼ିଶାର ଲୋକଙ୍କୁ ବର୍ତ୍ତମାନର ଶାସନ ଢାଞ୍ଚାକୁ ବଦଳାଇ ଏକ ମଡ଼େଲ ଶାସନ ବ୍ୟବସ୍ଥା **"ଓଡ଼ିଶାରେ ଓଡ଼ିଆ ଲୋକଙ୍କ ପାଇଁ, ପୂର୍ଣ୍ଣ ଓଡ଼ିଆ ଶାସନ"** ପ୍ରବର୍ତ୍ତନ କରିବୁ। ଓଡ଼ିଶାର ସମ୍ପୂର୍ଣ୍ଣ ଶକ୍ତି ଓ ସମ୍ଭାବନାର ଉପଯୋଗ ଆମର ପ୍ରମୁଖ ଉଦ୍ଦେଶ୍ୟ ହେବ।

## || ବନ୍ଦେ ଉତ୍କଳ ଜନନୀ ||

## ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ମୋର ସାଦର ନମସ୍କାର !

ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତବର୍ଷ ତା'ର ସର୍ବଶ୍ରେଷ୍ଠ ଉତ୍ସବ ରୂପେ ଅଷ୍ଟାଦଶ ଲୋକସଭା ଓ ଓଡ଼ିଶାର ଷୋଡଶ ବିଧାନସଭା ପାଇଁ ସାଧାରଣ ନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଛି । ଭାରତବର୍ଷ ସ୍ୱାଧୀନତାର ୭୫ତମ ବର୍ଷରେ ଅମୃତ ମହୋତ୍ସବ ପାଳନ କରିବା ସହ ୨୦୪୭ ରେ ସ୍ୱାଧୀନତା ପ୍ରାପ୍ତିର ୧୦୦ ବର୍ଷ ପୂର୍ତ୍ତିର ମହୋତ୍ସବ ପାଳନ କରିବ । ୨୦୪୭ ସୁଦ୍ଧା ଭାରତକୁ ଟ୍ରିଲିଅନ ଆର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ରହିଛି ।

ସେହିଭଳି ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା ଏବଂ ଆଗାମୀ ୧୨ ବର୍ଷରେ ଏହି ଉପଲବ୍ଧିର ୧୦୦ ବର୍ଷ ପୂରଣ ହେବ । ଆମ ଦେଶ ତଥା ରାଜ୍ୟର ବିକାଶକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଓ ସର୍ବସମାବେଶୀ କରି ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଏହା ସର୍ବୋତ୍କୃଷ୍ଟ ସମୟ ।

ସ୍ୱାଧୀନତା ପ୍ରାପ୍ତିଠାରୁ ମୋଦୀ ସରକାରଙ୍କ ପର୍ଯ୍ୟନ୍ତ କୌଣସି ପ୍ରଧାନମନ୍ତ୍ରୀ ବିକଶିତ ଭାରତ ପ୍ରତିଷ୍ଠା ଲକ୍ଷ୍ୟରେ ପଥିକୃତ ଉଦ୍ୟମ ଆରମ୍ଭ କରିନଥିଲେ । ପ୍ରଧାନମନ୍ତ୍ରୀଙ୍କ **'ଆତ୍ମନିର୍ଭର ଭାରତ'** ଭିଜନକୁ ଅନୁସରଣ କରି କୃଷି, ଶିକ୍ଷା, ଶିଳ୍ପ, ପରିବହନ, ପ୍ରତିରକ୍ଷା, ବେସାମରିକ ବିମାନ ଚଳାଚଳ ଏବଂ ବୈଦେଶିକ ବ୍ୟାପାର ସମେତ ଅନ୍ୟ ସମସ୍ତ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରାଇ ଏକ ନୂତନ ତଥା ସଶକ୍ତ ଭାରତ ନିର୍ମାଣ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟ ଆରମ୍ଭ କରିଛନ୍ତି । ଭାରତ ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ପ୍ରସଙ୍ଗରେ ବିଶ୍ୱର ନେତୃତ୍ୱ ନେବା ଆରମ୍ଭ କରିଛି । ନିକଟରେ ଭାରତ ଜି-୨୦ ର ଅଧକ୍ଷ ରାଷ୍ଟ୍ରଭାବେ ଭାରତର ୨୦ ରାଜ୍ୟର ୬୦ଟି ପ୍ରମୁଖ ନଗରୀମାନଙ୍କରେ ଏହି ଉତ୍ସବ ପାଳନ କରାଇଛି । ଏହି କ୍ରମରେ ଜି-୨୦ର ଶୀର୍ଷ ସମ୍ମିଳନୀ ଦିଲ୍ଲୀରେ ଅନୁଷ୍ଠିତ ହୋଇଛି ଏବଂ ବିଶ୍ୱର ପ୍ରମୁଖ ରାଷ୍ଟ୍ରନେତା ମାନେ ଭାରତର ଆତିଥ୍ୟ ଓ ନେତୃତ୍ୱର ଭୂରିଭୂରି ପ୍ରସଂଶା କରିଛନ୍ତି ।

ସାମ୍ପ୍ରତିକ ଶାସନ କାଳରେ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହୋଇଛି । ରତ୍ନଗର୍ଭା ଓଡ଼ିଶାର ପୁଅ ଆଜି ଲକ୍ଷ ଲକ୍ଷ ସଂଖ୍ୟାରେ ପଡୋଶୀ ରାଜ୍ୟରେ ଦାଦନ ଖଟୁଛନ୍ତି। ସ୍ୱାଭିମାନୀ ଓଡିଆ ପୁଅଟି ଆଜି ରାଜ୍ୟର ବେକାରୀ ସମସ୍ୟାର ଶିକାର ହୋଇ ପଡ଼ୋଶୀ ରାଜ୍ୟର ଠକ କମ୍ପାନୀ ଓ ଅଫିସରମାନଙ୍କ ନିକଟରେ ବନ୍ଧା ପଡୁଛି । ଓଡ଼ିଆ ଭାଷା ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିଲେ ମଧ ମୁଖ୍ୟମନ୍ତ୍ରୀଙ୍କର ବିକୃତ ଓଡିଆ ଉଚ୍ଚାରଣ, ଓଡିଆ ଭାଷାଭାଷୀମାନଙ୍କୁ ଆହତ କରିଛି । ଏକ ସଶକ୍ତ ଓଡ଼ିଶା ଗଠନ ଏବଂ କୁଚକ୍ରୀମାନଙ୍କ କବଳରୁ ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ସୁରକ୍ଷା ଦେବା ପାଇଁ ଓଡ଼ିଶାବାସୀଙ୍କୁ ଆଗକୁ ଆସିବାକୁ ଆମେ ଅନୁରୋଧ କରୁଛୁ ।

ଆମେ, ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଓ ସେବକ, ଆପଣଙ୍କୁ ଏକ ନୂତନ ଓଡ଼ିଶା ପରିକଳ୍ପନା ପାଇଁ ଆମନ୍ତ୍ରଣ କରୁଛୁ । ଆମ **'ବିକଶିତ ଭାରତ ଓ ବିକଶିତ ଓଡ଼ିଶା'** ନିର୍ମାଣ ପାଇଁ ପ୍ରତିଶୃତିବଦ୍ଧ । ଏହାହିଁ ମୋଦୀଙ୍କ ଗ୍ୟାରେଣ୍ଟି । ଆମର ଇଚ୍ଛା ଏକ ପ୍ରକୃତ ଓଡ଼ିଆ ଲୋକ ଓଡ଼ିଆ ଜାତିର ମଙ୍ଗ ଧରନ୍ତୁ ଏବଂ ମୁଖ୍ୟମନ୍ତ୍ରୀ ରୂପେ ଓଡ଼ିଶାକୁ ସମସ୍ତ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ରୂପେ ଗଢନ୍ତୁ । ଏହି ପ୍ରରିପେକ୍ଷୀରେ ମୁଁ ରାଜ୍ୟବାସୀଙ୍କୁ ଆମର ସଂକଳ୍ପପତ୍ରକୁ ଗ୍ରହଣ କରିବା ସହିତ ଭାରତୀୟ ଜନତା ପାର୍ଟିକୁ ପାଞ୍ଚବର୍ଷ ପାଇଁ ଓଡ଼ିଶାରେ ଶାସନ କରିବାର ସୁଯୋଗ ଦେବାକୁ ବିନମ୍ର ଅନୁରୋଧ କରୁଛି । ପଦ୍ମଫୁଲ ଚିହ୍ନରେ ବଟନ୍ ଦବାଇ ବିଜେପିକୁ ଜୟଯୁକ୍ତ କରିବାକୁ ନିବେଦନ କରୁଛି ।

**ଜୟ ଜଗନ୍ନାଥ**
**ବନ୍ଦେ ଉତ୍କଳ ଜନନୀ ।**
**ବନ୍ଦେ ମାତରମ୍ ।**



**ଶ୍ରୀ ମନମୋହନ ସାମଲ**
ବିଜେପି ରାଜ୍ୟ ସଭାପତି

## ସମସ୍ତ ଓଡ଼ିଆ ଭାଇ ଓ ଭଉଣୀ ମାନଙ୍କୁ ମୋର ସାଦର ପ୍ରଣାମ !

ମହାନ ରାଷ୍ଟ୍ର ଭାରତରେ ଏବେ ଅଷ୍ଟାଦଶ ଲୋକସଭା ଓ ଓଡ଼ିଶା ରେ ଷୋଡଶ ବିଧାନସଭା ପାଇଁ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ଏହି ନିର୍ବାଚନରେ ଭାରତକୁ ବିକଶିତ ଭାରତରେ ଏବଂ ଓଡ଼ିଶା କୁ ବିକଶିତ ଓଡ଼ିଶା ରେ ପରିଣତ କରିବା ପାଇଁ ଆପଣମାନେ ଆପଣଙ୍କ ମୂଲ୍ୟବାନ ମତାମତ ଦେବେ । ଆପଣଙ୍କ ମତ, ଦେଶ ଓ ରାଜ୍ୟ ପାଇଁ ସରକାର ଗଢିବା ତେଣୁ ଏହି ନିର୍ବାଚନ ଓ ଆପଣଙ୍କ ସମର୍ଥନ ଆମ ପାଇଁ ସବୁଠାରୁ ମୂଲ୍ୟବାନ ।

ଦେଶରେ ବିଗତ ଦଶ ବର୍ଷରେ ଅନେକ ପ୍ରଗତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ହେତୁ ଏବେ ଭାରତ ସଫଳତାର ଶିଖରରେ ପହଞ୍ଚିପାରିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ **'ବିକଶିତ ଭାରତ, ବିକଶିତ ଓଡ଼ିଶା'** ର ପରିକଳ୍ପନାକୁ ଧ୍ୟାନରେ ରଖି, ଆମେ ଜନସାଧାରଣଙ୍କ ଉତ୍ସାହଜନକ ସମର୍ଥନ ସହିତ ଓଡ଼ିଶାକୁ ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛୁ । ଓଡ଼ିଶା ପାଇଁ ଏକ ପ୍ରଗତି ଏବଂ ସମୃଦ୍ଧିର ଯୁଗ ଆରମ୍ଭ କରିବା ପାଇଁ ଆପଣଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ବିକଶିତ ଭାରତର ଗ୍ୟାରେଣ୍ଟି ଦେଇଛନ୍ତି । ଭାରତ ପୃଥିବୀର ସବୁଠାରୁ ବଡ ଗଣତନ୍ତ୍ର । ଜନସଂଖ୍ୟାରେ ମଧ୍ୟ ବିଶ୍ୱର ସର୍ବବୃହତ ଦେଶ । ତେଣୁ ଏହି ବିରାଟ ଦେଶକୁ ବିକାଶମୁଖୀ ରାଷ୍ଟ୍ରରୁ ବିକଶିତ ରାଷ୍ଟ୍ର କରିବା ଲକ୍ଷ୍ୟନେଇ ମୋଦୀଜୀ ବିଗତ ୧୦ ବର୍ଷ ଧରି ଅନବରତ କାର୍ଯ୍ୟ କରୁଛନ୍ତି । ଫଳସ୍ୱରୂପ ଏବେ ଭାରତ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତିରେ ପରିଣତ ହୋଇଛି । ଆତ୍ମନିର୍ଭର ଭାରତର ବାର୍ତ୍ତା ଦେଇ ସେ ସମଗ୍ର ବିଶ୍ୱରେ ଭାରତର ପ୍ରାଧାନ୍ୟ ଓ ପ୍ରଭୁତ୍ୱ ପ୍ରତିଷ୍ଠା କରିବା ପାଇଁ ପ୍ରୟାସ କରିଛନ୍ତି ।

ଓଡ଼ିଶା ଆଉ ମାତ୍ର ବାରବର୍ଷ ପରେ ସ୍ୱତନ୍ତ୍ର ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ନିମନ୍ତେ ଉତ୍ସବ ପାଳନ କରିବାକୁ ଯାଉଛି । କିନ୍ତୁ ରାଜ୍ୟରେ ଦୀର୍ଘବର୍ଷ ଧରି ଏକ ସ୍ଥାଣୁ ଅପାରଗ ସରକାର ବିକାଶ ନାମରେ ରାଜ୍ୟର ପ୍ରଚୁର ଖଣିଜ ସମ୍ପଦକୁ ଲୁଟ୍ କରି ଚାଲିଛି । ବିଜୁ ଜନତା ଦଳର ଦୁର୍ନୀତି ଲୋକମାନଙ୍କୁ ଆବାସ, ପରିମଳ ସୁବିଧା, ବିଦ୍ୟୁତ, ଗ୍ୟାସ ଏବଂ ସ୍ୱାସ୍ଥ୍ୟ ବୀମା ଭଳି ଅତ୍ୟାବଶ୍ୟକୀୟ ଯୋଜନାଗୁଡ଼ିକରୁ ନିରନ୍ତର ଭାବେ ବଞ୍ଚିତ କରିଚାଲିଛି । ଏକ **'ସୁବର୍ଣ୍ଣ ଓଡ଼ିଶା'** ଗଠନ କରି ଜଣେ ଓଡ଼ିଆ ବ୍ୟକ୍ତିଙ୍କୁ ଓଡ଼ିଶାର ଶାସନଭାର ନ୍ୟସ୍ତ କରିବା ସହ ଓଡ଼ିଆ ଅସ୍ମିତାର ପୁନରୁଦ୍ଧାର କରିବା ପାଇଁ ଆମେ ସଂକଳ୍ପବଦ୍ଧ ।

ଏହି ନିର୍ବାଚନରେ ଆମର ଆଶା, ଆକାଂକ୍ଷା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଆମ ସଂକଳ୍ପ ପତ୍ରରେ ସ୍ଥାନିତ ହୋଇଛି । ଏହି ସଂକଳ୍ପପତ୍ର ମଧ୍ୟ ଆମେ ରାଜ୍ୟବାସୀଙ୍କ ସହଯୋଗରେ ପ୍ରସ୍ତୁତ କରିଛୁ । ଏଥିପାଇଁ ରାଜ୍ୟରେ ଆମେ ୨୩ ଟି ଏଲ.ଇ.ଡି ଭ୍ୟାନ୍ ବୁଲାଇଛୁ ଓ ବିଭିନ୍ନ ବର୍ଗର ସମ୍ମିଳନୀ କରି ସାଢେ ଚାରିକୋଟି ଓଡ଼ିଶା ବାସୀଙ୍କ ମତାମତ ଗ୍ରହଣ କରିଛୁ । ରାଜ୍ୟବାସୀଙ୍କ ଆଶା ଓ ସ୍ୱପ୍ନ ପୂରଣ ଦିଗରେ ଭାରତୀୟ ଜନତା ପାର୍ଟି ନିଜକୁ ଉତ୍ସର୍ଗ କରିବାପାଇଁ ପ୍ରତିଶୃତି ଦେଉଛି । ସଂକଳ୍ପ ପତ୍ର ପ୍ରସ୍ତୁତ କରିବାରେ ସମର୍ଥନ ଏବଂ ମାର୍ଗଦର୍ଶନ ପାଇଁ ସଂକଳ୍ପପତ୍ର ସମିତିର ସଦସ୍ୟବୃନ୍ଦ ଏବଂ ଆମ ରାଜ୍ୟ ସଭାପତିଙ୍କୁ ମୁଁ ଧନ୍ୟବାଦ ଜଣାଉଛି ।

**ଜୟ ଜଗନ୍ନାଥ**
**ଜୟ ହିନ୍ଦ**

ସମୀର ମହାନ୍ତି

**ଶ୍ରୀ ସମୀର ମହାନ୍ତି**
ସଂକଳ୍ପପତ୍ର ସମିତି ପ୍ରମୁଖ





# ପ୍ରମୁଖ ୨୧ ସଙ୍କଳ୍ପ



## ୦୧ ଆମେ ବିଜେଡି ସରକାରଙ୍କ ବ୍ୟାପକ ଦୁର୍ନୀତି ଏବଂ ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସମାପ୍ତ କରିବୁ:

- ଆମେ ଦୁର୍ନୀତି ବିରୋଧରେ "ଶୂନ୍ୟ ସହନଶୀଳତା" ନୀତି ଗ୍ରହଣ କରିବୁ । ଆମର ସମସ୍ତ ଯୋଜନା ଆଉ ରାଜସ୍ୱ , ଓଡିଶା ବାସୀଙ୍କ ନିକଟରେ ସିଧା ସଳଖ ପହଁଚିବ |
- ଆମେ ସମସ୍ତ ଛୋଟ ନିବେଶକାରୀଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବୁ ଏବଂ ୧୮ ମାସ ମଧ୍ୟରେ ଚିଟ୍ ଫଣ୍ଡ ସ୍କାମରେ ଅଟକି ଥିବା ତାଙ୍କ ଟଙ୍କା ଫେରସ୍ତ କରିବୁ |
- ଆମେ ପ୍ରତିଶ୍ରୁତି ଦେଉଛୁ ଯେ ଖଣିଜ ପଦାର୍ଥ ଏବଂ ଖଣିରୁ ଉତ୍ପାଦିତ ସମସ୍ତ ରାଜସ୍ୱ ଓଡିଶାର ଅଗ୍ରଗତି ପାଇଁ ଆଇନଗତ ଭାବରେ ବ୍ୟବହୃତ ହବ |



## ୦୨ ଆମେ ସମୃଦ୍ଧ କୃଷକ ନୀତି ଆରମ୍ଭ କରିବୁ, ଏହି ନୀତି ଜରିଆରେ :

- ଧାନ କ୍ୱିଣ୍ଟାଲ ପିଛା କ୍ରୟ ମୂଲ୍ୟ ୩୧୦୦ ଟଙ୍କା ଧାର୍ଯ୍ୟ କରିବୁ ।
- ଡିବିଟି ଜରିଆରେ ୪୮ ଘଣ୍ଟା ଭିତରେ କୃଷକମାନଙ୍କୁ ଅର୍ଥ ହସ୍ତାନ୍ତର କରାଯିବ ।
- ବର୍ତ୍ତମାନର କଟଣି-ଛଟଣି ବ୍ୟବସ୍ଥାକୁ ସମାପ୍ତ କରି ସମସ୍ତ ମଣ୍ଡିରେ ଇଲେକ୍ଟ୍ରୋନିକ ଓଜନ ଯନ୍ତ୍ର ମାଧ୍ୟମରେ ଧାନ କିଣିବୁ ।



## ୦୩ ଆମେ ସୁଭଦ୍ରା ଯୋଜନା ଆରମ୍ଭ କରିବୁ ଯେଉଁଥିରେ ପ୍ରତ୍ୟେକ ମହିଳା ୫୦,୦୦୦ ଟଙ୍କାର ନଗଦ ଭାଉଚର ପାଇବେ ଯାହା ଦୁଇ ବର୍ଷ ମଧ୍ୟରେ ଖର୍ଚ୍ଚ କରାଯାଇ ପାରିବ |



## ୦୪ ରାଜ୍ୟ ବାହାରେ ରହୁଥିବା ଓଡିଆ ବ୍ୟକ୍ତିବିଶେଷଙ୍କ କଲ୍ୟାଣ ପାଇଁ ଆମେ ଭାରତର ସମସ୍ତ ମେଟ୍ରୋ ସହରରେ ଓଡିଆ ସମୁଦାୟ ଭବନ ପ୍ରତିଷ୍ଠା କରିବୁ ।

ପ୍ରମୁଖ

# ୨୧ ସଙ୍କଳ୍ପ



୦୫ ଆମେ ୨୦୨୭ ସୁଦ୍ଧା ଓଡିଶାରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବୁ ଏଥିପାଇଁ ଆମେ ୫୦୦ ସ୍ୱୟଂସହାୟକ ଗୋଷ୍ଠୀର ଏକ ଶିଳ୍ପ କ୍ଲଷ୍ଟର ସୃଷ୍ଟିକରି ଉତ୍ପାଦିତ ସାମଗ୍ରୀର ବିପଣନ ପାଇଁ ସୁବିଧା ପ୍ରଦାନ ଏବଂ ପ୍ରୋତ୍ସାହନ ସହ ଉତ୍ପାଦିତ ସାମଗ୍ରିର ବିକ୍ରି କରିବାର ସୁବିଧା ପ୍ରଦାନ କରିବୁ ।



୦୬ ପ୍ରତ୍ୟେକ ମତ୍ସ୍ୟଜୀବୀଙ୍କୁ ଅଣ ଉତ୍ପାଦନ ସମୟରେ ୧୦,୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବୁ ଏବଂ ମତ୍ସ୍ୟଜୀବୀ ବନ୍ଦରର ନବୀକରଣ, ଶୀତଳ ଭଣ୍ଡାର ସ୍ଥାପନ ଏବଂ ମତ୍ସ୍ୟଚାଷ ପାଇଁ ପ୍ରକ୍ରିୟାକରଣ ଗୃହ ସ୍ଥାପନ କରି ମତ୍ସ୍ୟ ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିବୁ ।



୦୭ ଆମେ ବିଶ୍ୱସ୍ତରୀୟ ରାସ୍ତା ସଂଯୋଗୀକରଣ କରିବା କ୍ରମରେ ୭୫ ହଜାର କିଲୋମିଟର ଗ୍ରାମ୍ୟ ଓ ଜାତୀୟ ରାଜପଥ ନିର୍ମାଣ କରିବୁ ଏବଂ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ତଥା ଜିଲ୍ଲା ସଦର ପରିକ୍ରମାକୁ ରାଜ୍ୟ ରାଜଧାନୀ ସହ ଯୋଡ଼ିବୁ ।

# ପ୍ରମୁଖ ୨୧ ସଙ୍କଳ୍ପ

୦୮



**ଓଡ଼ିଶାର ଅର୍ଥନୀତିକୁ ଶ୍ରେଷ୍ଠ କାର୍ଯ୍ୟକ୍ଷମ ଅର୍ଥନୀତିରେ ପରିଣତ କରିବା ସହିତ ଆମେ ୨୦୨୯ ସୁଦ୍ଧା ୩ ଲକ୍ଷ ୫୦ ହଜାର ଲୋକଙ୍କୁ ନିଯୁକ୍ତି ଦେବୁ ।**

- ରାଉରକେଲା, ସମ୍ବଲପୁର, ପାରାଦ୍ୱୀପ ଓ ଧାମରା କୁ ମିଶାଇ ୨୦୨୭ ଜୁନ୍ ସୁଦ୍ଧା ଆମେ ଏକ ଶିଳ୍ପ କରିଡ଼ର ପ୍ରତିଷ୍ଠା କରିବୁ।
- ଏମ୍.ଏସ୍.ଏମ୍.ଇ ବିଭାଗ ଅଭିବୃଦ୍ଧି ପାଇଁ ପ୍ରସାରଣ (Promoting Regional Opportunities and Sustaining Entrepreneurial Resilience) ଯୋଜନା ଆରମ୍ଭ କରିବୁ।
- ରାଜ୍ୟର ଚାରଟି ଅଞ୍ଚଳରେ ଆମେ ଉନ୍ନତ ଜ୍ଞାନ କୌଶଳ ସମ୍ବଳିତ ଆଇଟି ପାର୍କ ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଓ ବାଲେଶ୍ୱରରେ ପ୍ରତିଷ୍ଠା କରିବୁ ।
- "ମେକ୍ ଇନ୍ ଓଡ଼ିଶା" ଯୋଜନା ମାଧ୍ୟମରେ ଆମେ ଅଟୋମୋବାଇଲ ବିଦ୍ୟୁତ୍ ଯାନ, ସେମି କଣ୍ଡକ୍ଟର, ଆଇ.ଟି/ ଆଇ ଟି ଇ ଏସ୍ ଶିଳ୍ପ ପ୍ରତିଷ୍ଠା କରିବୁ।

୦୯



**ଆମେ ଓଡିଆରେ ଆଇନ୍, ମେଡିକାଲ ଓ ଇଂଜିନିୟରିଂ ପାଠ୍ୟକ୍ରମର ପ୍ରଚଳନ କରିବୁ ।**

୧୦



**ଆମେ ଓଡିଶା ସରକାରଙ୍କର ବିଭିନ୍ନ ବିଭାଗରେ ଖାଲିଥିବା ୧.୫ ଲକ୍ଷ ଖାଲି ପଦବୀ ସ୍ୱଚ୍ଛ ଓ ନିୟମାନୁସାରେ ପୂରଣ କରିବୁ। ପ୍ରଥମ ୨ ବର୍ଷ ଭିତରେ ୬୫ ହଜାର ପଦ ପୂରଣ କରିବୁ । ଏହି ପଦବୀ ପୂରଣରେ OBC ଓ EWS ବର୍ଗକୁ ଅଗ୍ରାଧିକାର ଦେବୁ ।**

୧୧



**ଆମେ କେନ୍ଦୁପତ୍ର ତୋଳାଳୀ କଲ୍ୟାଣ ଯୋଜନା ଆରମ୍ଭ କରି ଏହାରି ମାଧ୍ୟମରେ**

- କେନ୍ଦୁପତ୍ର କ୍ୟାରୀ ପିଛା ₹୨ ଟଙ୍କାରେ କିଣିବୁ।
- କେନ୍ଦୁପତ୍ର ତୋଳାଳୀଙ୍କୁ ୩୫ ପ୍ରତିଶତ ଓ କେନ୍ଦୁପତ୍ର ବନ୍ଧାଳୀଙ୍କୁ ୧୦ ପ୍ରତିଶତ ବୋନସ ଦେବୁ ।

# ପ୍ରମୁଖ ୨୧ ସଙ୍କଳ୍ପ

୧୨



ଆମେ ପିଏମ୍ ଆବାସ ଯୋଜନାରେ ୧୫ ଲକ୍ଷ ଘର ତିଆରି କରି ଗୃହହୀନଙ୍କୁ ଯୋଗାଇବୁ ଏବଂ ଜଳ ଜୀବନ ମିଶନ କାର୍ଯ୍ୟକାରୀ କରି ୪୦ ହଜାର ସର୍ବସାଧାରଣ ସ୍ଥାନରେ ଏବଂ ୨୬ ଲକ୍ଷ ଗୃହକର୍ତ୍ତାଙ୍କୁ ଜଳ ଯୋଗାଣ କରିବୁ ।

୧୩



ରାଜ୍ୟ ସରକାରଙ୍କ କୁପରିଚାଳନା ଯୋଗୁ ପୁରୀ ମନ୍ଦିରରେ ହିନ୍ଦୁ ଭକ୍ତଙ୍କ ପ୍ରତି ହେଉଥିବା ଅନ୍ୟାୟ ଆଚରଣକୁ ଆମ ସରକାର ଆସିବା ମାତ୍ରେ ବିଚାର କରିବ ।

- ରତ୍ନଭଣ୍ଡାରର ଚାବି ହଜିବା ଘଟଣାର ତଦନ୍ତ କରିବୁ ।
- ରତ୍ନଭଣ୍ଡାର ଖୋଲି ଜଗନ୍ନାଥ ମହାପ୍ରଭୁଙ୍କର ସମ୍ପତ୍ତିର ତାଲିକା ପ୍ରସ୍ତୁତ କରି ରାଜ୍ୟବାସୀଙ୍କ ନିକଟରେ ରିପୋର୍ଟ ପ୍ରକାଶ କରିବୁ ।
- ପୁରୀ ପରିକ୍ରମା ଯୋଜନାରେ ଭଙ୍ଗା ଯାଇଥିବା ମଠ ଗୁଡିକ ଯଥାରିତ କାର୍ଯ୍ୟକ୍ଷମ ହେବା ପାଇଁ ସହାୟତା କରିବୁ
- ଭକ୍ତମାନଙ୍କ ପାଇଁ ଜଗନ୍ନାଥଙ୍କ ଚାରିଦ୍ୱାର ଖୋଲିବୁ ।

୧୪



ଆମେ ବୁଣାକାରଙ୍କ ଜୀବିକାକୁ ଉନ୍ନତ କରିବୁ ଏବଂ ରାଜ୍ୟରେ ବୟନ ଶିଳ୍ପକୁ ପ୍ରୋତ୍ସାହିତ କରିବୁ, ଯାହା ପାଇଁ :

- ଆମେ ପଶ୍ଚିମ ଓଡିଶାରେ ୩ ଟି ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ୍ ପାର୍କ ସ୍ଥାପନ କରି, ୫୧,୦୦୦ ରୁ ଅଧିକ ଚାକିରି ସୃଷ୍ଟି କରିବୁ ।
- ରାଜ୍ୟରେ ବୁଣାକାର ଏବଂ ହସ୍ତତନ୍ତ ଶିଳ୍ପୀ ମାନଙ୍କ ପାଇଁ 'ବୁଣାକାର ସମ୍ମାନ ନିଧି' ଆରମ୍ଭ କରିବୁ , ଯାହା ମାଧ୍ୟମରେ ଆମେ ୪୦ ରୁ ୬୦ ବର୍ଷ ବୟସର ସମସ୍ତ ହିତାଧିକାରୀଙ୍କ ପାଇଁ ମାସିକ ୩,୦୦୦ ଟଙ୍କାର ଏବଂ ୬୦ ବର୍ଷରୁ ଅଧିକ ସମସ୍ତ ହିତାଧିକାରୀଙ୍କ ପାଇଁ, ୩,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବୁ।

# ପ୍ରମୁଖ ୨୧ ସଙ୍କଳ୍ପ



୧୫ ଆମେ ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ୫ ଲକ୍ଷ ବୀମା କଭର ଯୋଗେଇବା ଏବଂ କେନ୍ଦ୍ର ସରକାରଙ୍କ ଇ-ଶ୍ରମ ପଦକ୍ଷେପ ମାଧ୍ୟମରେ ଅଣ ସଂଗଠିତ ଶ୍ରମିକମାନଙ୍କୁ ନାମ ଲେଖାଇବା ପାଇଁ ଏକ ବଡ଼ଧରଣର ପଞ୍ଜିକରଣ ବ୍ୟବସ୍ଥା କରିବୁ ।



୧୬ ଆମେ କ୍ଷମତାକୁ ଆସିଲେ ୧୦୦ ଦିନ ମଧ୍ୟରେ ଦେଶର ସବୁଠାରୁ ବଡ ସ୍ୱାସ୍ଥ୍ୟବୀମା ଯୋଜନା ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (AB-PMJAY) କାର୍ଯ୍ୟକାରୀ କରିବୁ । ବାର୍ଷିକ ଆଠ ଲକ୍ଷ ଟଙ୍କାରୁ କମ୍ ରୋଜଗାର କରୁଥିବା ପ୍ରତ୍ୟେକ ନାଗରୀକଙ୍କୁ ଏହି ସୁବିଧା ପ୍ରଦାନ କରିବୁ ।



୧୭ ଆମେ ବିଦ୍ୟାଳୟ ଗୁଡିକର ଡ୍ରପ୍ ଆଉଟକୁ ରୋକିବା ପାଇଁ ପ୍ରତ୍ୟେକ ଜନଜାତି ଛାତ୍ରଛାତ୍ରୀଙ୍କୁ ଶହୀଦ୍ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ମାଧ୍ୟମରେ ବାର୍ଷିକ ୫,୦୦୦ ଟଙ୍କାର ସହାୟତା ରାଶି ଦେବୁ ।



୧୮ ଆମେ 'ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା' ମାଧ୍ୟମରେ ବୟସ୍କ, ବିଦ୍ୟାଙ୍ଗ, ବିଧବା, ନିରାଶ୍ରୟମାନଙ୍କୁ ୩୦୦୦ ଟଙ୍କାର ମାସିକ ପେନସନ ପ୍ରଦାନ କରିବୁ । ୮୦ ପ୍ରତିଶତ ଅକ୍ଷମତା ଥିବା ବିଦ୍ୟାଙ୍ଗଙ୍କୁ ଏବଂ ୮୦ ବର୍ଷରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ପେନସନ୍ ଦେବୁ ।

# ପ୍ରମୁଖ ୨୧ ସଙ୍କଳ୍ପ

୧୯



**ଆମେ 'ମିଶନ ସ୍ୱାସ୍ଥ୍ୟ ଓଡିଶା' ଯୋଜନା ମାଧ୍ୟମରେ:**

- ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୬୦୦୦ ନୂତନ ଶଯ୍ୟାର ବ୍ୟବସ୍ଥା କରିବୁ ।
- ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦୨୭ ସୁଦ୍ଧା ICU, ଡାୟାଲେସିସ୍ ଏବଂ ଅପରେସନ ଥିଏଟର ଯୋଗାଇ ଦେବୁ । ୧୦୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନା ଭାବେ ଉନ୍ନତ କରିବୁ ।
- ପ୍ରତ୍ୟେକ ଜିଲ୍ଲାରେ ଏକ ନର୍ସିଂ କଲେଜ, ଏକ ମେଡିକାଲ୍ କଲେଜ ଏବଂ ଏକ ସୁପର ସ୍ପେସିଆଲିଟି ହସ୍ପିଟାଲ୍ ପ୍ରତିଷ୍ଠା କରିବୁ ।

୨୦




**ଆମେ ପର୍ଯ୍ୟଟକଙ୍କର ଆଗମନ ସଂଖ୍ୟା ଦୃଷ୍ଟିରୁ ଓଡିଶାକୁ ଦେଶର ତୃତୀୟ ସର୍ବାଧିକ ପର୍ଯ୍ୟଟକ ଆସୁଥିବା ରାଜ୍ୟ ତାଲିକା ମଧ୍ୟରେ ସ୍ଥାନିତ କରିବୁ, ଯାହା ପର୍ଯ୍ୟଟନ ଅର୍ଥନୀତିକୁ ବଢାଇବା ସହ ନୂତନ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବ ।**

୨୧



**ଆମେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ମାଧ୍ୟମରେ ଓଡ଼ିଶାର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ମାଗଣାରେ ବିଜୁଳୀ ଯୋଗାଇବୁ ।**

# 01 କୃଷି ଏବଂ କୃଷକ କଲ୍ୟାଣ



## ମୋଦୀ ସରକାରଙ୍କ ସଫଳତା

- ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଅଧୀନରେ ଓଡ଼ିଶାର 35.11 ଲକ୍ଷ କୃଷକ ହିତାଧିକାରୀ ₹ 9202.52 କୋଟି ଟଙ୍କା ପାଇଛନ୍ତି।
- 2016 ରୁ 2023 ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧୀନରେ ମୋଟ 94,722 ହେକ୍ଟର ଜମି କ୍ଷୁଦ୍ର ଜଳସେଚନ ମାଧ୍ୟମରେ ଜଳସେଚିତ ହୋଇ ପାରିଛି।
- ପିଏମକେଏସୱାଇ-ଏଆଇବିପି ଅଧୀନରେ ଓଡ଼ିଶାରେ ଜଳସେଚନ ପ୍ରକଳ୍ପ ପାଇଁ ମୋଦୀ ସରକାରଙ୍କ ଦ୍ୱାରା ₹1200 କୋଟି ରୁ ଅଧିକ ଟଙ୍କା ଜାରି କରାଯାଇଛି।
- ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (PMMSY) ଅଧୀନରେ ରାଜ୍ୟର 37,999 ହିତାଧିକାରୀ ₹197.91 କୋଟି ଟଙ୍କା ସହାୟତା ପାଇଛନ୍ତି।
- ମୋଦୀ ସରକାର ଓଡ଼ିଶାରେ 447 ଟି କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଗଠନ କରିଛନ୍ତି।

## ବିଜେଡି ସରକାରର ଅପାରଗତା

- ରାଜ୍ୟରେ ବିଜୁ ଜନତା ଦଳ **1,000 ନୂତନ ଶୀତଳ ଭଣ୍ଡାର ନିର୍ମାଣ** କରିବାକୁ ପ୍ରତିଶୃତି ଦେଇଥିଲେ ମଧ୍ୟ 2023 ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ମାତ୍ର **36 ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ** ଯାହା ରାଜ୍ୟ ସରକାରଙ୍କ କୃଷକ ବିରୋଧୀ ନୀତିକୁ ସ୍ପଷ୍ଟ କରୁଛି।
- **କାଳିଆ ଯୋଜନା** ଅଧୀନରେ **ବ୍ୟାଙ୍କ ଋଣର 60% ଅଣ-କୃଷି କାର୍ଯ୍ୟ ନିମନ୍ତେ** ବ୍ୟବହୃତ କରାଯାଇଛି, ଯାହା **₹800 କୋଟି** ଟଙ୍କାର ଠକେଇର କାରଣ ହୋଇଛି।
- **ଲୋୟର ସୁକତେଲ, ତେଲେଙ୍ଗି, ମହେନ୍ଦ୍ରତନୟା, ବଂଶଧାରା, ଅଙ୍ଗ, ଅପର ଲାଂଥ, ଲୋୟର ଲାଂଥ ଏବଂ ରେଥ୍** ଭଳି **ବୃହତ ଜଳସେଚନ** ପ୍ରକଳ୍ପଗୁଡ଼ିକ ଦଶନ୍ଧି ଦଶନ୍ଧି ପୂର୍ବରୁ କାର୍ଯ୍ୟକ୍ଷମ ହେବା **ସତ୍ତ୍ୱେ ଅସମ୍ପୂର୍ଣ୍ଣ** ରହିଛି।

# ଆମର ସଂକଳ୍ପ

୧. ଆମେ **ସମୃଦ୍ଧ କୃଷକ ନୀତି** ଆରମ୍ଭ କରିବୁ, ଏହି ନୀତି ଜରିଆରେ :

- ➤ ଧାନ କ୍ୱିଣ୍ଟାଲ ପିଛା କ୍ରୟ ମୂଲ୍ୟ ୩,୧୦୦ ଟଙ୍କା ଧାର୍ଯ୍ୟ କରିବୁ ।
- ➤ ଡିବିଟି ଜରିଆରେ ୪୮ ଘଣ୍ଟା ଭିତରେ କୃଷକମାନଙ୍କୁ ଅର୍ଥ ହସ୍ତାନ୍ତର କରାଯିବ ।
- ➤ ବର୍ତ୍ତମାନର କଟଣି-ଛଟଣି ବ୍ୟବସ୍ଥାକୁ ସମାପ୍ତ କରି ସମସ୍ତ ମଣ୍ଡିରେ ଇଲେକ୍ଟ୍ରୋନିକ ଓଜନ ଯନ୍ତ୍ର ମାଧ୍ୟମରେ ଧାନ କିଣିବୁ ।

୨. ଆମେ ସ୍ଥଗିତ ପ୍ରକଳ୍ପଗୁଡିକୁ ତ୍ୱରାନ୍ୱିତ କରି ଏବଂ ୨୦୨୯ ସୁଦ୍ଧା **ଜଳସେଚନ ଯୋଜନା ଗୁଡିକ ସମ୍ପୂର୍ଣ୍ଣ କରି ଜଳସେଚିତ କୃଷି ଜମିର ପରିମାଣ ତିନି ଗୁଣା** କରିବୁ ।

୩. ଆମେ କୃଷକଙ୍କ ଆୟକୁ ବହୁଗୁଣିତ କରିବା ପାଇଁ :

- ➤ କୃଷି କାର୍ଯ୍ୟରେ ଯନ୍ତ୍ରପାତି ବ୍ୟବହାର ପାଇଁ ୮୦% ରୁ ୮୫% ସବ୍ସିଡି ପ୍ରଦାନ କରିବୁ ।
- ➤ ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ୟୁନିଟ୍ ଏବଂ ଯୋଗାଣ ଶୃଙ୍ଖଳା ନେଟ୍‌ୱାର୍କକୁ ବିସ୍ତାର କରି ପୋଷ୍ଟ ଉତ୍ପାଦନ ପରବର୍ତ୍ତୀ କ୍ଷତିକୁ କମାଇ ମୂଲ୍ୟଯୁକ୍ତ କୃଷି ଉତ୍ପାଦନ ବ୍ୟବସ୍ଥାର ବୃଦ୍ଧି କରିବୁ ।
- ➤ କୃଷକମାନଙ୍କୁ ଆଧୁନିକ କୃଷି ସମ୍ପର୍କରେ ସେମାନଙ୍କ ଦକ୍ଷତା ବୃଦ୍ଧି ଓ ଅଧିକ ଲାଭପାଇବା ପାଇଁ କୃଷକମାନଙ୍କୁ ପ୍ରଶିକ୍ଷଣ କର୍ମଶାଳା ଆଉ ପ୍ରଦର୍ଶନୀର ଆୟୋଜନ କରିବୁ ।

୪. **୩୦୦୦ କୋଟି ଟଙ୍କାରେ କୃଷି ସଂରକ୍ଷଣ କୋଷ ପ୍ରତିଷ୍ଠା** କରି ବ୍ଲକ ସ୍ତରରେ ଶୀତଳ ଭଣ୍ଡାର ଖାଦ୍ୟ ପ୍ରକ୍ରିୟାକରଣ ଏବଂ ରପ୍ତାନି କେନ୍ଦ୍ର ପ୍ରତିଷ୍ଠା କରିବୁ ।

୫. **ବସୁଧା କେନ୍ଦ୍ର ଯୋଜନା** ମାଧ୍ୟମରେ ଆମେ ମଣ୍ଡିଗୁଡିକର ଉନ୍ନତି କରଣ କରିବୁ ଏବଂ ନିମ୍ନୋକ୍ତ କାର୍ଯ୍ୟ ଗ୍ରହଣ କରିବୁ ।

- ➤ ଆମେ **ପ୍ରତ୍ୟେକ ବ୍ଲକରେ ମଣ୍ଡି** ବ୍ୟବସ୍ଥା କରିବୁ ଏବଂ ସମସ୍ତ ମଣ୍ଡିକୁ e-NAM ସହିତ ଯୋଡି ଗୋଦାମ ଘର, ବିଶ୍ରାମଗାର ତିଆରି କରି ମଣ୍ଡି ନବୀକରଣ କରିବୁ ।



- ➤ ଆମେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ କୃଷି ଏବଂ କୃଷିଜାତ ପଦାର୍ଥ ପାଇଁ ଏକ ଷ୍ଟୋରେଜ ସୁବିଧା ପ୍ରଦାନ କରିବୁ ଏବଂ ଗୋଦାମ ଘର ଗୁଡିକର ଜିଓ-ଟ୍ୟାଗିଙ୍ଗ ଓ୍ୱାରହାଉସ ନିର୍ମାଣ କରିବୁ ।
- ➤ ତୈଳବୀଜ ( ଚିନାବାଦାମ,ସୋରିଷ , ନଡିଆ ଏବଂ ସୂର୍ଯ୍ୟମୁଖୀ ) ଡାଲି , ବାଜରା ଏବଂ ପନିପରିବା ସବୁ କିଣିବା ତାଲିକାରେ ସାମିଲ କରିବୁ ।

୬. ଆମେ ଜମି ନଥିବା ମହିଳା କୃଷକଙ୍କୁ ପ୍ରାଥମିକ **କୃଷି ସୋସାଇଟ୍ (ପ୍ୟାକ୍ସ ଏବଂ ଲ୍ୟାମ୍ପ୍ସ)** ସଦସ୍ୟତା ପ୍ରଦାନ କରି କୃଷି ଋଣ ଦେବୁ

୭. ଆମେ **"କୃଷି ସମୃଦ୍ଧି କେନ୍ଦ୍ର"** ପ୍ରତ୍ୟେକ ବ୍ଲକରେ କୃଷକମାନଙ୍କ ପାଇଁ ପ୍ରତିଷ୍ଠା କରି ଯୋଜନା, ଆର୍ଥିକ ସେବା, ଫସଲ କ୍ରୟ ଏବଂ କୃଷି ସମ୍ବନ୍ଧିୟ ସହାୟତା ପ୍ରଦାନ କରିବା ପାଇଁ କୃଷି ସମୃଦ୍ଧି ହେଲ୍ପଲାଇନ୍‌ର ଶୁଭାରମ୍ଭ କରିବୁ।

୮. ଆମେ **'କୃଷିବିଦ୍ୟାନିଧୀ ସ୍କିମ୍' ଆରମ୍ଭ** କରି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଏବଂ କୃଷିଶ୍ରମିକଙ୍କ ପିଲାମାନଙ୍କୁ ସ୍କଲାରସିପ ₹୨ଲକ୍ଷ ଟଙ୍କା ଯାଏ ପ୍ରଦାନ କରିବୁ ।

୯. ଆମେ **ଓଡିଶାରେ କପାଶିଳ୍ପ ସୁଦୃଢ କରିବାଲାଗି** ସ୍ଥାନୀୟ ମଣ୍ଡି ଜରିଆରେ କପା କିଣିବା ପ୍ରକ୍ରିୟାକୁ ସୁଦୃଢ କରିବା ସହିତ ଆମେ **କପା ଉତ୍ପାଦନକୁ ପ୍ରୋତ୍ସାହନ ଦେବୁ** ।

୧୦. ଆମେ ସମସ୍ତ ସମବାୟ ସମିତି ପାଇଁ **ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ମିନି ବ୍ୟାଙ୍କ ପ୍ରତିଷ୍ଠା** କରିବୁ ଏବଂ ଅତ୍ୟାବଶ୍ୟକ ବ୍ୟାଙ୍କସେବା ପାଇଁ ସାର୍ବଜନୀନ କରିବୁ ।

୧୧. ଆମେ ରାଜ୍ୟର ଶହେ ପ୍ରତିଶତ କୃଷକମାନଙ୍କୁ **ପିଏମ୍.ଏଫ.ବି ୱାଇ ସ୍କିମ୍** ଦ୍ୱାରା କୀଟପୋକ, ପଶୁଙ୍କ ଦ୍ୱାରା ଫସଲ ନଷ୍ଟ ଜନିତ କ୍ଷତି ପୁରଣ ଦେବୁ ।

୧୨. ଆମେ **'ଓଡିଶା ବଳଭଦ୍ର ଜୈବୀକ ଚାଷ ମିଶନ'** ପ୍ରତିଷ୍ଠା କରି ଜୈବୀକ ଚାଷକୁ ପ୍ରୋତ୍ସାହନ କରିବୁ ।

- ଆମେ ରାଜ୍ୟରେ **ଜୈବିକ ଚାଷ ଅଧୀନରେ ଏହି କ୍ଷେତ୍ର ବୃଦ୍ଧି କରିବୁ ।**
- **ପି.ଏମ ପ୍ରଣାମକୁ** ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରି ଆମେ କୀଟ ପତଂଗ ଠାରୁ ଫସଲକୁ ବିପଦ ମୁକ୍ତ କରିବୁ ।

୧୩. ଆମେ ଆଖୁଚାଷୀଙ୍କ ପାଇଁ **'ନୂତନଭାବେ ଆଖୁମୂଲ୍ୟନିତୀ'** ଆରମ୍ଭ କରି ବନ୍ଦ ପଡିଥିବା ଆଖୁଜାତ ଶିଳ୍ପର ପୁନଃ ପ୍ରତିଷ୍ଠା କରିବୁ ।

୧୪. ଆମେ **ଶ୍ରୀଅନ୍ନ ଅଭିଯାନ ଆରମ୍ଭକରି** ମିଲେଟ୍ ଉତ୍ପାଦନ ଏବଂ ମିଲେଟ୍ ବ୍ୟବହାର ବୃଦ୍ଧି କରାଇ **ଓଡିଶାକୁ ମିଲେଟ ହବରେ** ପରିଣତ କରିବୁ ।

- ଜନଜାତି ଅଞ୍ଚଳରେ ମିଲେଟ ଚାଷକୁ ପ୍ରୋତ୍ସାହନ କରାଯିବ ।
- ପ୍ରଥମେ ନିଜ ରାଜ୍ୟରେ ସୁଦୃଢ ଯୋଗାଣ ଶୃଙ୍ଖଳା ସୃଷ୍ଟିକରି ପରବର୍ତ୍ତି କାଳରେ ଉତ୍ପାଦନକୁ ଦ୍ୱିଗୁଣିତ କରି ରପ୍ତାନୀ ବୃଦ୍ଧି କରାଯିବ ।
- ଆମେ ମିଲେଟ ପ୍ରକ୍ରିୟାକରଣ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ୪୦% ସବସିଡି ପ୍ରଦାନ କରିବୁ ।
- ସରକାରୀ କ୍ୟାଣ୍ଟିନ, ସ୍କୁଲ, ଅନୁଷ୍ଠାନ ମାନଙ୍କରେ ମିଲେଟ ବ୍ୟବହାର ବୃଦ୍ଧି ପାଇଁ ଉତ୍ସାହିତ କରିବୁ ଏବଂ କୁପୋଷଣକୁ ପ୍ରଭାବଶାଳୀ ଭାବେ ମୁକାବିଲା କରିବୁ ।

୧୫. **500 କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ** କରି ଝୋଟ ଚାଷ, ଚିନାବାଦାମ ପରି ଅବହେଳିତ ଫସଲ ଉତ୍ପାଦନ ବୃଦ୍ଧିକୁ ପ୍ରୋତ୍ସାହିତ କରି ଫସଲ ବିବିଧ କରଣ ସହ କୃଷକଙ୍କ ଆୟ ବୃଦ୍ଧି କରାଇବୁ ।

୧୬. ଆମ ରାଜ୍ୟରେ **ପିଏମ୍ କୁସୁମ** ପୁରାପୁରି କାର୍ଯ୍ୟକରି କୃଷକମାନଙ୍କୁ ସଶକ୍ତିକରଣ କରାଇବା ସହ ଅକ୍ଷୟ ଶକ୍ତିଦ୍ୱାରା କ୍ଷୁଦ୍ର ଜଳସେଚନ କରାଇବୁ ।

୧୭. ଆମେ **ଦଶଟି ନୂତନଭାବେ ଜଳସେଚନ** ପ୍ରୋଜେକ୍ଟ ବଲାଙ୍ଗିର, କଳାହାଣ୍ଡି, ବରଗଡ ଏବଂ ନୂଆପଡାରେ ବର୍ଷେ ମଧ୍ୟରେ ସମ୍ପୂର୍ଣ୍ଣ କରିବୁ ।

୧୮. ଆମେ **ସମ୍ବଲପୁରରେ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା** କରିବୁ ।



# ଖ. ମତ୍ସ୍ୟ ଚାଷ

୧. ୨୦୩୦ ମସିହା ସୁଦ୍ଧା ମତ୍ସ୍ୟ ଉତ୍ପାଦନକୁ **ବାର୍ଷିକ ୧୨୫୦ ମେଟ୍ରିକ ଟନ୍‌ରୁ ୫ ହଜାର ମେଟ୍ରିକ ଟନ୍‌କୁ** ବୃଦ୍ଧି କରିବା ଲାଗି **"ଓଡିଶା ମତ୍ସ୍ୟ ମିଶନ"** ର ଶୁଭାରମ୍ଭ କରିବୁ ।

- ମତ୍ସ୍ୟ ଫାର୍ମ ପାଇଁ ୨୫ ପ୍ରତିଶତ ସବସିଡି ପ୍ରଦାନ କରିବୁ ।
- ନୂତନ ମତ୍ସ୍ୟ ଫାର୍ମ ପାଇଁ ୨୫ ପ୍ରତିଶତ ସବସିଡି ଦିଆଯିବ ।
- ବାୟୋଫ୍ଲୋକ/ବାୟୋବ୍ୟାଗ, କେଜ ଫାର୍ମିଙ୍ଗ ପାଇଁ ୫୦ ପ୍ରତିଶତ ସବସିଡି ଦିଆଯିବ ।

୨. ମତ୍ସ୍ୟଚାଷର ନିଷେଧାଦେଶ ସମୟରେ ଆମେ **ପ୍ରତ୍ୟେକ ମତ୍ସ୍ୟଜୀବୀଙ୍କୁ ଜୀବିକା ସହାୟକ ଭାବେ ବାର୍ଷିକ ୧୦ ହଜାର ଟଙ୍କା ଭତ୍ତା** ପ୍ରଦାନ କରିବୁ ।

୩. ଆମେ **"ନୂତନ ମତ୍ସ୍ୟ ନୀତି"** ଆଣିବୁ ଏବଂ ମତ୍ସ୍ୟ ଶିଳ୍ପରେ ବୈପ୍ଲବୀକ ପରିବର୍ତ୍ତନ ଆଣି ଯେଉଁଥରେ ନିମ୍ନ ଲାଭ ପ୍ରଦାନ କରାଯିବ ।

- ଆଧୁନିକ ସୁବିଧାସହ ମାଛଧରା ବନ୍ଦର ଏବଂ ମାଛ ଅବତରଣ କେନ୍ଦ୍ରର ଉନ୍ନତିକରଣ କରିବୁ ।
- ମତ୍ସ୍ୟଚାଷ ପାଇଁ ଶୀତଳ ଭଣ୍ଡାର ଏବଂ ମତ୍ସ୍ୟ ପ୍ରକ୍ରିୟାକରଣ ଗୃହ ନିର୍ମାଣ ପାଇଁ ୪୦ ପ୍ରତିଶତ ସବସିଡି ପ୍ରଦାନ କରାଯିବ ।
- ଜଳପ୍ରଦୂଷଣ ଏବଂ ନିୟନ୍ତ୍ରଣ ପାଇଁ କଠୋର ନୀତି ଏବଂ ନୀୟମାବଳୀ ଲାଗୁ କରାଯିବ ।

୪. ଆମେ ଆଭ୍ୟନ୍ତରୀଣ ମତ୍ସ୍ୟ କ୍ଷେତ୍ର ଏବଂ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ **ଚିଙ୍ଗୁଡ଼ି ଚାଷ ପାଇଁ ପ୍ରୋତ୍ସାହନ ଦେବୁ ।**

୫. ମତ୍ସ୍ୟ ସମବାୟ ସମିତି ଦ୍ୱାରା ନିର୍ଦ୍ଧାରିତ ବର୍ଗୀକରଣ ଏବଂ ଦର ଆଧାରରେ ଆମେ **ମାଛ ଅବତରଣ କେନ୍ଦ୍ରରେ କିଣିବାକୁ ସୁବ୍ୟବସ୍ଥିତ କରିବୁ ।**

୬. ମତ୍ସ୍ୟ ଚାଷୀମାନଙ୍କ ପାଇଁ ଆକସ୍ମିକ ଏବଂ ବିପର୍ଯ୍ୟୟ ମୁକାବିଲା ପାଇଁ ଆମେ **₹୨୦୦୦ କୋଟି** ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରିବୁ ।



# ଗ. ପଶୁ ପାଳନ

୧. ରାଜ୍ୟରେ ପଶୁ ସମ୍ପଦର ସୁରକ୍ଷା ପାଇଁ ଆମେ ଓଡିଶାର ପ୍ରତ୍ୟେକ ବ୍ଲକରେ **ଭ୍ରାମ୍ୟମାଣ ପଶୁ ଚିକିତ୍ସା କେନ୍ଦ୍ର** ଯୋଗାଇବୁ ।

୨. ୨୦୨୭ ମସିହା ସୁଦ୍ଧା ଦୁଗ୍ଧ ଉତ୍ପାଦନ କ୍ଷମତାକୁ ୧୦୦ ଲକ୍ଷ ଟନ୍‌କୁ ବୃଦ୍ଧି କରିବା ପାଇଁ ଆମେ **ଦୁଗ୍ଧ ବନ୍ୟା ମିଶନ** ଆରମ୍ଭ କରିବୁ ।

- ପଶୁପାଳନ କ୍ଷେତ୍ରରେ ସାଧାରଣରେ ୬୦ ପ୍ରତିଶତ, ଅନୁସୂଚିତ ଜାତି ଏବଂ ଜନଜାତି ପାଇଁ ୭୦ ପ୍ରତିଶତ ସବସିଡି ପ୍ରଦାନ କରାଯିବ ।
- ଘାସ ଚାଷ ପାଇଁ ୫୦ ପ୍ରତିଶତ ସବସିଡି ପ୍ରଦାନ କରାଯିବ ।
- ଫିଡ୍ ୟୁନିଟ୍ ପାଇଁ ୫୦ ପ୍ରତିଶତ ସବସିଡି ପ୍ରଦାନ କରାଯିବ ।

୩. **କ୍ଷୀର ଧାରା ମିଶନ** ଜରିଆରେ ଓମଫେଡର ସମ୍ପୂର୍ଣ୍ଣ ପୁନର୍ଗଠନ କରିବୁ ।

- କେନ୍ଦ୍ରୀୟ ଡାଇରୀ ଇନ୍‌ଷ୍ଟିଚ୍ୟୁଟ ସହାୟତାରେ ଆମ ରାଜ୍ୟରେ ଏକ ଆପେକ୍ସ ଡ଼ାଇରୀ ଇନ୍‌ଷ୍ଟିଚ୍ୟୁଟ ଗଠନ କରିବୁ ।
- ଦୁଗ୍ଧ ଚାଷୀମାନଙ୍କର ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ଗ୍ରାମରେ ଏକ କ୍ଷୀର ସଂଗ୍ରହ କେନ୍ଦ୍ର ସହ ପ୍ରତ୍ୟେକ ଉପଖଣ୍ଡରେ ଏକ ଦୁଗ୍ଧ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବୁ ।
- ଦୁଗ୍ଧ ସଂଗ୍ରହ ସହ ଦୁଗ୍ଧର ସର୍ବନିମ୍ନ ନିର୍ଦ୍ଧାରିତ ମୂଲ୍ୟ ସୁନିଶ୍ଚିତ କରି ଦୁଗ୍ଧଚାଷୀଙ୍କୁ ଲାଭବାନ କରାଇବୁ ।

୪. ବେଆଇନ ଭାବେ ଗୋହତ୍ୟା ଏବଂ ଗୋମାଂସ ବ୍ୟବସାୟ ବନ୍ଦ କରିବା ପାଇଁ **ଗୋହତ୍ୟା ନିରୋଧ ଆଇନ** (Anti cow slaughter Act)ପ୍ରଣୟନ କରିବୁ ।

୫. ଆମେ **ଗୋବଂଶ ସୁରକ୍ଷା ଯୋଜନା** ଶୁଭାରମ୍ଭ କରିବୁ ଏବଂ ଏହି ଯୋଜନା ମାଧ୍ୟମରେ ଆମେ ୨୦୦ ସରକାରୀ ସାହାଯ୍ୟ ପ୍ରାପ୍ତ ଗୋଶାଳା ପ୍ରତିଷ୍ଠା କରିବୁ ।

୬. ୨୦୨୭ ମସିହା ସୁଦ୍ଧା ୫୪୦ ଲକ୍ଷଟନ କୁକୁଡା ମାଂସ, ୨ ଲକ୍ଷ ମେଟ୍ରିକ ଟନ ଛେଳି ମାଂସ ଏବଂ ୧୧ ହଜାର କୋଟି ଅଣ୍ଡା ଉତ୍ପାଦନ କରିବାର ଲକ୍ଷ୍ୟ ହାସଲ କରିବା ପାଇଁ **ପ୍ରାଣୀ ସମ୍ପଦ ମିଶନ** ଶୁଭାରମ୍ଭ କରିବୁ ।

- କୁକୁଡା, ଛେଳି ଏବଂ ଘୁଷୁରୀ ଫାର୍ମ ପ୍ରତିଷ୍ଠା କରି ବ୍ୟବସାୟ କରିବା ପାଇଁ ଉଦ୍ୟମୀମାନଙ୍କୁ ଆମେ ୪୦ ପ୍ରତିଶତ ସବ୍‌ସିଡି ପ୍ରଦାନ କରିବୁ ।
- କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଏବଂ ମହିଳା କୃଷକ କ୍ଲଷ୍ଟର ଦ୍ୱାରା ଚାଷକାର୍ଯ୍ୟ ପାଇଁ ୫୦ ପ୍ରତିଶତ ସବ୍‌ସିଡି ପ୍ରଦାନ କରିବୁ ।
- ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ୬୦ ପ୍ରତିଶତ ସବ୍‌ସିଡି ଦିଆଯିବ ।

୭. ଆମେ ଓଡ଼ିଶାରେ ସ୍ୱଦେଶୀ ଗାଈ ଏବଂ ଛେଳି ପ୍ରଜାତିର ପାଳନ, ମୂଲ୍ୟାଙ୍କନ ଏବଂ ପୋଷଣ ପାଇଁ ପ୍ରୋତ୍ସାହିତ କରିବୁ ।

02

# ଶିକ୍ଷା କ୍ଷେତ୍ର



## ମୋଦୀ ସରକାରଙ୍କ ସଫଳତା

- **2018ରୁ 2023** ପର୍ଯ୍ୟନ୍ତ ମୋଦୀ ସରକାର **ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ** ଅଧୀନରେ **₹7,800 କୋଟି** ଟଙ୍କା ପ୍ରଦାନ କରିଛନ୍ତି ।
- **ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (PMKVY)** ଅଧୀନରେ **4.42 ଲକ୍ଷରୁ ଅଧିକ ଯୁବକଯୁବତୀଙ୍କୁ** ପ୍ରମାଣପତ୍ର ପ୍ରଦାନ କରାଯାଇଛି ।
- **ଆଇଆଇଟି-ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପସ ₹1,660 କୋଟି ଟଙ୍କା** ବ୍ୟୟରେ ନିର୍ମିତ ହୋଇଥିଲା ଏବଂ 2018 ରେ ଏହାର ଉଦଘାଟନ କରାଯାଇଥିଲା ।
- **₹401 କୋଟି** ବ୍ୟୟରେ ନିର୍ମିତ **ଆଇଆଇଏମ୍ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ୍** ଫେବୃଆରୀ 2024 ରେ ଉଦ୍ଘାଟିତ ହୋଇଥିଲା |

## ବିଜେଡି ସରକାରର ଅପାରଗତା

- ବିଦ୍ୟାଳୟରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଓଡ଼ିଶା **2020-21 ରେ ଦଶମ ସ୍ଥାନରୁ 2021-22 ରେ 24 ତମ ସ୍ଥାନକୁ ଖସି ଆସିଛି ।**
- ବିଜେଡି ସରକାରଙ୍କ ଅଧୀନରେ ରାଜ୍ୟରେ **ଏ.ଆଇ.ସି.ଟି.ଇ.(AICTE)** ର **ଅନୁମୋଦନ ବିନା** ସରକାରୀ-ସ୍ୱୟଂଶାସିତ ଡିଗ୍ରୀ କଲେଜଗୁଡ଼ିକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି ।
- ଜୁଲାଇ 2023 ପର୍ଯ୍ୟନ୍ତ , ରାଜ୍ୟର ଅନେକ ବିଶ୍ୱବିଦ୍ୟାଳୟରେ **50% ରୁ ଅଧିକ ଅଧାପକ ପଦବୀ ଖାଲି ପଡିଛି ।**
- ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକର ମାନ **ଏନ୍.ଆଇ.ଆର୍.ଏଫ୍.(NIRF)** ରାଙ୍କିଙ୍ଗରେ କ୍ରମାଗତ ଭାବେ **ହ୍ରାସ** ପାଉଥିବା ଦେଖିବାକୁ ମିଳିଛି, 2019 ପରଠାରୁ କେବଳ **4ଟି ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ 100 ମଧ୍ୟରେ ସ୍ଥାନ ପାଇଛନ୍ତି ।**

# ଆମର ସଂକଳ୍ପ

୧. ସରକାରରେ ଆସିବାର ତିନିମାସ ଭିତରେ ଜାତୀୟ **ଶିକ୍ଷା ନୀତି - ୨୦୨୦** ଭିତ୍ତିରେ ଓଡ଼ିଶା ପାଇଁ ଏକ ପୂର୍ଣାଙ୍ଗ ଶିକ୍ଷାନୀତି ପ୍ରଣୟନ କରିବୁ ଏବଂ ସାମଗ୍ରିକ ଶିକ୍ଷା ସଂସ୍କାର ଦିଗରେ ତ୍ୱରିତ ପ୍ରଗତି ସୁନିଶ୍ଚିତ କରିବୁ।

୨. ଆମେ **ଆଇନ୍, ଡାକ୍ତରୀ ଏବଂ ଇଂଜିନିୟରିଂ** ଶିକ୍ଷାକୁ ଓଡ଼ିଆ ଭାଷାରେ ପ୍ରଦାନ କରିବୁ।

୩. କମ୍ପ୍ୟୁଟର ପଦ୍ଧତିରେ ଶିକ୍ଷାନୀତି ପାଇଁ ଏକ " **ଡିଜିଟାଲ ଏଡୁକେସନ ଏମପାୱାରମେଣ୍ଟ ପ୍ରୋଗାମ୍**" ର ପ୍ରଚଳନ କରାଯିବ, ଯାହା ଭିତରେ ପରିପୂର୍ଣ କମ୍ପ୍ୟୁଟର ଲ୍ୟାବୋରୋଟରୀ ସ୍ଥାପନ ହେବ।

- ଆମେ ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ ଷ୍ଟେଟ ଅଫ ଆର୍ଟ କମ୍ପ୍ୟୁଟର ଲାବୋରୋଟୋରୀ ସ୍ଥାପନ କରିବୁ।
- ପ୍ରଯୁକ୍ତ ବିଦ୍ୟାକୁ ଉନ୍ନତମାନର କରିବା ପାଇଁ ବିଭିନ୍ନ ଉଦ୍ୟୋଗର ସହଯୋଗରେ ବିଜ୍ଞାନ, ବୈଷୟିକ ଶିକ୍ଷା, ଇଞ୍ଜିନିୟରିଂ ଓ ଗଣିତ ଶିକ୍ଷାକୁ ଗୁରୁତ୍ୱ ଦିଆଯିବ।
- ଆମେ ଷଷ୍ଠ ଶ୍ରେଣୀ ଠାରୁ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଓଡ଼ିଆ ବିଦ୍ୟାଳୟମାନଙ୍କରେ କୋଡିଂ କ୍ଲାସ ଆରମ୍ଭ କରିବୁ।

୪. ଆମ ସରକାର ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ **ମାଗଣା ଲ୍ୟାପ୍‌ଟପ୍ / ଟ୍ୟାବଲେଟ୍** ପ୍ରଦାନ କରିବୁ।

୫. ନବମ ଶ୍ରେଣୀଠୁ ସମସ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ **କ୍ୟାରିୟର କାଉନ୍‌ସେଲିଂ ବାଧ୍ୟତାମୂଳକ** କରାଯିବ ଏବଂ ସେହି କ୍ରମରେ ପ୍ରତି ବିଦ୍ୟାଳୟରେ ଏହି କାଉନସେଲିଂ ସେଣ୍ଟର ପ୍ରତିଷ୍ଠା କରାଯିବ।

୬. **'ପ୍ରବେଶିକା ଯୋଜନା'** ମାଧ୍ୟମରେ ୨୦୩୦ ସୁଦ୍ଧା ପ୍ରାକ୍-ପ୍ରାଥମିକ ଓ ପ୍ରାଥମିକସ୍ତରରେ ସମସ୍ତ ଶିଶୁମାନଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟା ଗଣନା ଶିକ୍ଷା ଦେଶର ଲକ୍ଷ୍ୟ ଆମର ଲକ୍ଷ୍ୟ ହେବ। ଏହି ଲକ୍ଷ୍ୟ ଅନୁସାରେ:

- ଆମ ସରକାର ରାଜ୍ୟର ସମସ୍ତ ୭୪,୧୫୭ ଅଙ୍ଗନବାଡି -କେନ୍ଦ୍ରକୁ 'ସକ୍ଷମ ଅଙ୍ଗନବାଡି' କେନ୍ଦ୍ରରେ ପରିଣତ କରିବେ।



- ସମସ୍ତ ଅଙ୍ଗନବାଡି କର୍ମୀଙ୍କୁ ଉଚ୍ଚ ତାଲିମ୍ ଦ୍ୱାରା ଏକାଡେମୀ ରିସୋର୍ସ ପରସନ ଭାବରେ ସକ୍ଷମ କରାଯିବ।

୭. ବିଦ୍ୟାଳୟ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ପଠନ ଓ ଶିକ୍ଷା ପଦ୍ଧତିର ମାନ ବଢାଇବା ପାଇଁ **ପ୍ରଶିକ୍ଷଣ ବ୍ୟବସ୍ଥା** କରାଯିବ। ଏହି ଲକ୍ଷ୍ୟରେ

- ଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍କୁଲ ଶିକ୍ଷକମାନଙ୍କ ପାଇଁ ଏକ ଶିକ୍ଷା କ୍ଷମତା ଉନ୍ନତୀକରଣ ଆୟୋଗର ନିର୍ମାଣ କରାଯିବ।
- ଶିକ୍ଷକମାନଙ୍କର ଚାକିରୀ, ନିଯୁକ୍ତିପତ୍ର, ନିଯୁକ୍ତିକରଣ, ବଦଳି ଓ ଅନ୍ୟାନ୍ୟ ବିଷୟଗୁଡିକର ସଂପୂର୍ଣ୍ଣ ଖସଡା ତିଆରି କରାଯିବ।
- ଡିଜିଟାଲ ବ୍ୟବସ୍ଥା ଦ୍ୱାରା ସମସ୍ତ ଶିକ୍ଷକମାନଙ୍କର ପ୍ରଶିକ୍ଷଣ, ବ୍ୟକ୍ତି ବିଶେଷଙ୍କ ଦାୟିତ୍ୱ, ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉତ୍ତରଦାୟିତ୍ୱ, ନିୟମିତ ପରୀକ୍ଷାର ବ୍ୟବସ୍ଥା, ଇତ୍ୟାଦିର ନିୟନ୍ତ୍ରଣ କରାଯିବ।

୮. ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (AI) କୌଶଳ ଅବଲମ୍ବନ କରି ଏ.ଆଇ. ଶିକ୍ଷକ **'ବିଦ୍ୟା'** ମାଧ୍ୟମରେ ସ୍କୁଲ ଶିକ୍ଷାର ଏକ ବ୍ୟାପକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଆମର ଲକ୍ଷ୍ୟ।

୯. **'ସମାନ କାର୍ଯ୍ୟ ପାଇଁ ସମାନ ଦରମା'** ନୀତି ମାଧ୍ୟମରେ ସ୍କୁଲରୁ ବିଶ୍ୱବିଦ୍ୟାଳୟର ପର୍ଯ୍ୟନ୍ତ ଏକ ସମାନ ବେତନ ପ୍ରଣାଳୀ ବ୍ୟବସ୍ଥା ପ୍ରବର୍ତ୍ତନ କରିବୁ ।

୧୦. ସରକାରକୁ ଆସିବାର ଛଅ ମାସ ମଧ୍ୟରେ ପୂର୍ବ ସରକାରଙ୍କ ସମୟରେ ବନ୍ଦ କରାଯାଇଥିବା ସମସ୍ତ **୮୦୦୦ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ** ଗୁଡିକୁ ପୁଣି ଖୋଲିବାର ନିଷ୍ପତ୍ତି ନିଆଯିବ ।

୧୧. ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ.ଆଇ.ଟି) ରାଉରକେଲା ସହ ରାଜ୍ୟର ସମସ୍ତ ସରକାରୀ ଇଂଜିନିୟରିଂ କଲେଜକୁ **ଆଇ.ଆଇ.ଟି ସ୍ତରକୁ ଉନ୍ନତି** କରାଯିବାର ଲକ୍ଷ୍ୟ ଆମ ସରକାର ରଖିବ ।

୧୨. ରାଜ୍ୟରେ ଥିବା ସମସ୍ତ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ITI) କୁ ଅତ୍ୟାଧୁନିକ କରାଯିବା ସହ ସେଗୁଡିକୁ ଉଦ୍ୟୋଗ ଜଗତ ସହ ଯୋଡ଼ାଯିବ ଏବଂ **ଛାତ୍ରଛାତ୍ରୀମାନଙ୍କର ଉନ୍ନତ କୌଶଳ ବିକାଶ** କରାଯିବା ସହ ସେମାନଙ୍କର ନିଯୁକ୍ତିର ବ୍ୟବସ୍ଥା ଆମ ସରକାର କରିବ ।

୧୩. ଆମ ସରକାର ପ୍ରତି ବ୍ଲକ୍‌ରେ ଓ ପ୍ରତି ସହରାଞ୍ଚଳରେ ଦୁଇଟି ଲେଖାଏଁ ସ୍କୁଲ ହିସାବରେ ସମୁଦାୟ ୮୦୦ ସ୍କୁଲକୁ **ପି.ଏମ.ଶ୍ରୀ ବିଦ୍ୟାଳୟରେ** ପରିଣତ କରିବୁ ।

୧୪. ସାନିଟାରୀ ନାପ୍‌କିନ୍ ଭେଣ୍ଡିଙ୍ଗ ମେସିନ୍ ଲଗାଯିବ ଯାହାକି **୧ ଟଙ୍କାରେ** କନ୍ୟା ସନ୍ତାନମାନଙ୍କୁ ସାନିଟାରୀ ନାପ୍‌କିନ୍ ପ୍ରଦାନ କରାଯିବ ।



## 03 ଯୁବ ଓ କ୍ରୀଡ଼ା



# ମୋଦୀ ସରକାରଙ୍କ ସଫଳତା

- ଷ୍ଟାର୍ଟଅପ୍ ଇଣ୍ଡିଆ ଅଧୀନରେ 2019ରୁ 2023 ମଧ୍ୟରେ ଓଡ଼ିଶାରେ ଷ୍ଟାର୍ଟଅପ୍ ସଂଖ୍ୟା 1,856କୁ ବୃଦ୍ଧି ପାଇଛି।
- ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଅଧୀନରେ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଉନ୍ନତି ପାଇଁ ₹370 କୋଟି ଟଙ୍କାରୁ ଅଧିକ ସହାୟତା ରାଶି ପ୍ରଦାନ କରାଯାଇଛି।
- ଶ୍ରୀ ନରେନ୍ଦ୍ର ମୋଦୀଜୀ ପ୍ରାୟ ₹1,600 କୋଟି ଟଙ୍କା ବ୍ୟୟରେ ବ୍ରହ୍ମପୁରରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (IISER) ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

# ବିଜେଡି ସରକାରର ଅପାରଗତା

- 2000 ମସିହାରେ ରାଜ୍ୟର ଯୁବ ନୀତି ର ଘୋଷଣା ହୋଇଥିବା ସତ୍ତ୍ୱେ 17 ବର୍ଷ ପରେ ମଧ ରାଜ୍ୟ ସରକାର ନିଜର ଯୁବ ନୀତିକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି।
- ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ଅନୁଯାୟୀ, ଓଡ଼ିଶାରେ 21 ଲକ୍ଷ ଲୋକ ମଦ୍ୟପାନର ଶିକାର ହୋଇଥିବାବେଳେ 1.9 ଲକ୍ଷ ଲୋକ ଗଞ୍ଜେଇ ଜନିତ ନିଶାରେ ପୀଡ଼ିତ ଅଛନ୍ତି।

# ଆମର ସଂକଳ୍ପ

୧. ‘ଉଦ୍ୟମ କ୍ରାନ୍ତି’ ଯୋଜନାରେ ରାଜ୍ୟର ଯୁବବର୍ଗଙ୍କୁ **ବିନା ସୁଧରେ ଓ ୫୦ ପ୍ରତିଶତ ସବ୍‌ସିଡିରେ** ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବୁ ।

୨. ସରକାରୀ କଲେଜରେ ପଢୁଥିବା ସବୁ ଝିଅମାନଙ୍କୁ **‘ମିଶନ ପଙ୍ଖା’** ଜରିଆରେ ବୈଦ୍ୟୁତିକ ଦୁଇ ଚକିଆ ଯାନରେ ସବ୍‌ସିଡି ଦିଆଯିବ ।

୩. ଆମେ **ODISEY** (Odisha Development Institute or Science and Engineering for Youth) ଯୋଜନା ମାଧ୍ୟମରେ ସମସ୍ତ ସରକାରୀ କଲେଜ ରେ ରୋବେଟିକ୍ ଓ ଆର୍ଟିଫିସିଆଲ ଇଣ୍ଟେଲଜେନସ ସମ୍ପର୍କରେ ପାଠ୍ୟକ୍ରମ ପ୍ରସ୍ତୁତି କରିବୁ । ଲାବରୋଟରୀ ଜରିଆରେ ତାଲିମ୍ ଦେବୁ ଏବଂ ଏ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରାଇବୁ ।

୪. ଆମେ ସମସ୍ତ **ଜେଇଇ/ ନିଟ୍ ଆଶାୟୀମାନଙ୍କ ପାଇଁ** ଉଭୟ ସରକାରୀ ଓ ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟରେ ଏହି ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ନିମନ୍ତେ ଆବଶ୍ୟକ ପାଠ୍ୟକ୍ରମର ପ୍ରଣୟନ ନିମନ୍ତେ ତାଲିମ୍ ଦେବୁ ।

୫. ଆମେ **‘ଖେଳ ନୀତି -୨୦୨୪’** ଲାଗୁ କରିବୁ ଓ ଗ୍ରାମାଞ୍ଚଳରୁ ବିଭିନ୍ନ ପାରମ୍ପରିକ କ୍ରୀଡାଠାରୁ ଆରମ୍ଭ କରି ସମସ୍ତ କ୍ରୀଡାର ଭିତ୍ତିଭୂମି ପ୍ରତିଷ୍ଠା କରିବୁ ।

- ପ୍ରତ୍ୟେକ ବ୍ଲକ୍‌ରେ ୮ ବର୍ଷରୁ ଆରମ୍ଭ କରି ୧୭ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ତାଲିମ୍ ଦେବା ପାଇଁ ଓପନ ଏୟାର ଆଷ୍ଟ୍ରୋଟର୍ଫ ବିଛାଇ ଓପନ ଜିମ୍ନାସିୟମ୍ ଓ ସ୍ପୋର୍ଟସ ନର୍ସରି ପ୍ରତିଷ୍ଠା କରିବୁ ।
- ପ୍ରତ୍ୟେକ ଜିଲ୍ଲାରେ ଖୋଖୋ, କବାଡି, ଏବଂ ତୀରନ୍ଦାଜ ଆଦି ପାରମ୍ପରିକ କ୍ରୀଡାର ବିକାଶ ପାଇଁ ପାଞ୍ଚଟି ଏକାଡେମୀ ପ୍ରତିଷ୍ଠା କରିବୁ ।



- ପ୍ରତ୍ୟେକ ଜିଲ୍ଲାର ଲୋକପ୍ରିୟ ଖେଳର ପ୍ରସାର ପାଇଁ ଜିଲ୍ଲାସ୍ତରୀୟ ସ୍ପୋର୍ଟ ଏକାଡେମୀ ପ୍ରତିଷ୍ଠା କରି ଆଶାୟୀ କ୍ରୀଡାବିତ୍‌ମାନଙ୍କୁ ଭବିଷ୍ୟତ ପାଇଁ ତାଲିମ୍ ଦେବୁ ଓ ତାଙ୍କର ମାର୍ଗଦର୍ଶନ କରିବୁ ।

୬. ରାଜ୍ୟକୁ ୪ଟି ଜୋନ୍‌ରେ ବିଭକ୍ତ କରି **୪ ଟି ଅତ୍ୟାଧୁନିକ ଅଲମ୍ପିକ୍ ପ୍ରଶିକ୍ଷଣ ଏକାଡେମୀ** ପ୍ରତିଷ୍ଠା କରିବୁ । ଯାହାଦ୍ୱାରା ଆମ କ୍ରୀଡାବିତ୍‌ମାନଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଦିଆଯାଇପାରିବ ଓ ସେମାନେ ଆନ୍ତର୍ଜାତିକ କ୍ରୀଡା ପ୍ରତିଦ୍ୱନ୍ଦିତା କରି ପାରିବେ ।

୭. ଆମେ **‘ଇଗ୍‌ନାଇଟ୍ ଓଡ଼ିଶା’** ସ୍କିମ୍ ଜରିଆରେ ପଚାଶଟି ଆର୍ଟ ଷ୍ଟୁଡିଓ ପ୍ରତିଷ୍ଠା କରି ରାଜ୍ୟର ଡିଜିଟାଲ ପ୍ରଭାବଶାଳୀ ବିଷୟବସ୍ତୁ ନିର୍ମାତା ଏବଂ ଲୋକ କଳାକାରମାନଙ୍କୁ ସଶକ୍ତ ଓ ସମର୍ଥ କରିବୁ ।

୮. ଆମେ **‘ଓଡ଼ିଆ ଖେଳରତ୍ନ ଖୋଜ ଅଭିଯାନ’** କାର୍ଯ୍ୟର ଶୁଭାରମ୍ଭ କରିବୁ ଏବଂ ଓଡ଼ିଶାକୁ ଦେଶର ସମସ୍ତ କ୍ରୀଡାର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିବର୍ତ୍ତିତ କରିବୁ ।

- ଭୁବନେଶ୍ୱରଠାରେ ରାଜ୍ୟର ପ୍ରଥମ ସ୍ପୋର୍ଟ୍ସ ୟୁନିଭରସିଟି ପ୍ରତିଷ୍ଠା କରିବୁ ।

➤ ରାଜ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ କରିବୁ ଓ ଏହା ଦ୍ୱାରା ନୂଆ ପ୍ରତିଭା ଅନ୍ୱେଷଣ କରିବା ସହିତ ସେମାନଙ୍କୁ ବାର୍ଷିକ ୭୫ ହଜାର ଟଙ୍କା ଛାତ୍ରବୃତ୍ତି ଦେଇ ତାଙ୍କର ଦକ୍ଷତା ବୃଦ୍ଧିରେ ସହାୟକ ହେବୁ ।

୯. ଆମେ ଏକ ଅତ୍ୟାଧୁନିକ **ଇ-ସ୍ପୋର୍ଟସ ଏରେନା** ତଥା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବୁ । ଓଡ଼ିଶାକୁ କ୍ରୀଡା କାର୍ଯ୍ୟକଳାପର ପ୍ରମୁଖ କେନ୍ଦ୍ରସ୍ଥଳୀରେ ପରିଣତ କରିବୁ ।

୧୦. ଅବସରପ୍ରାପ୍ତ କ୍ରୀଡାବିତମାନଙ୍କର **Upskilling Certification କାର୍ଯ୍ୟକ୍ରମ** ମାଧ୍ୟମରେ ତାଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କୁ କୋଚ୍ ବା ଅମ୍ପାୟାର ଭାବେ ଅବସର ନେବା ପରିବର୍ତ୍ତେ ବୃତ୍ତିଗତ ସୁଯୋଗ ସୃଷ୍ଟି କରିବା ପାଇଁ ସେମାନଙ୍କୁ ସହାୟତା ଓ ସମର୍ଥନ ପ୍ରଦାନ କରିବୁ ।



04

# ଅର୍ଥନୀତି ଓ ଶିଳ୍ପାୟନ



## ମୋଦୀ ସରକାରଙ୍କ ସଫଳତା

- ଓଡ଼ିଶାରେ, **5,065 ଘରୋଇ କମ୍ପାନୀ** ଖିଲାପକାରୀ ହେବା ପରେ, କମ୍ପାନୀ ଫ୍ରେଶ୍ ଷ୍ଟାର୍ଟ ସ୍କିମ୍, 2020 ଅଧୀନରେ ଏକ ନୂତନ ଆରମ୍ଭ କରିବାର ଲାଭ ଉଠାଇଛନ୍ତି।
- ଜାତୀୟ ଶିଳ୍ପ କରିଡର କାର୍ଯ୍ୟକ୍ରମ ଅଧୀନରେ ପାରାଦୀପ-କେନ୍ଦ୍ରାପଡା-ଧାମରା-ସୁବର୍ଣ୍ଣରେଖା ଏବଂ **ଗୋପାଳପୁର-ଭୁବନେଶ୍ୱର-କଳିଙ୍ଗନଗର** ଦୁଇଟି ଶିଳ୍ପ କରିଡର ପ୍ରକଳ୍ପ ଭାବରେ ଚିହ୍ନଟ କରାଯାଇଛି।
- ଇମେରଜେନସି କ୍ରେଡିଟ୍ ଲାଇନ୍ ଗ୍ୟାରେଣ୍ଟି ସ୍କିମ୍ (ECLGS) ଅଧୀନରେ **₹5,462.17 କୋଟି** ଟଙ୍କା ମୂଲ୍ୟର **9,27,249 ଟି ଗ୍ୟାରେଣ୍ଟି** ପ୍ରଦାନ କରାଯାଇଛି।
- **ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (NIC)** ଅଧୀନରେ ଓଡ଼ିଶାରେ 31ଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।

## ବିଜେଡି ସରକାରର ଅପାରଗତା

- **ଭାରତରେ ବ୍ୟବସାୟିକ ସୁଗମତା (2020)** ମାନ୍ୟତାରେ **ଓଡ଼ିଶା 29ତମ ସ୍ଥାନରେ** ରହିଛି।
- **ରପ୍ତାନୀ ପ୍ରସ୍ତୁତି ସୂଚକାଙ୍କ (EPI)** (2022) ରେ ଓଡ଼ିଶା **8ଟି** ଉପକୂଳବର୍ତ୍ତୀ ରାଜ୍ୟ ମଧ୍ୟରୁ **6ଟି ସ୍ଥାନରେ** ରହିଛି।
- ଭାରତୀୟ ନବସୃଜନ ସୂଚକାଙ୍କ ଅନୁଯାୟୀ  ଓଡ଼ିଶା 20ଟି ରାଜ୍ୟ ମଧ୍ୟରୁ ମାତ୍ର **11.42 ପଏଣ୍ଟ** ପାଇ 16ଟି ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବନିମ୍ନ **16 ତମ ସ୍ଥାନରେ** ରହିଛି।

# ଆମର ସଂକଳ୍ପ

୧. ଓଡ଼ିଶାର ଦୃତ ବିକାଶ ଓ ସୁବ୍ୟବସ୍ଥିତ ପ୍ରଶାସନିକ ପରିଚାଳନା ବ୍ୟବସ୍ଥା ପାଇଁ ଆମ ସରକାର ମେଗା **ସିଟି ଡେଭେଲପ୍‌ମେଣ୍ଟ ମିଶନ୍** ମାଧ୍ୟମରେ ସାଟେଲାଇଟ୍ ସିଟି ଓ ମେଗା ସିଟିର ବିକାଶ କରିବ । ଏଠାରେ ତିନୋଟି ଅଞ୍ଚଳକୁ ପ୍ରାଧାନ୍ୟ ଦିଆଯିବ ।

- ଦକ୍ଷିଣ-ପୂର୍ବ ଅଞ୍ଚଳର କୋରାପୁଟ, ଜୟପୁର ଓ ନବରଙ୍ଗପୁର ।
- ପଶ୍ଚିମାଞ୍ଚଳର ସମ୍ବଲପୁର ଓ ବଲାଙ୍ଗୀର ।
- ଉତ୍ତର ପୂର୍ବ ଅଞ୍ଚଳର ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ।

୨. ଆମ ସରକାର **'ଉତ୍କର୍ଷ ଉତ୍କଳ'** ନିବେଶ ସମ୍ମିଳନୀ ମାଧ୍ୟମରେ ୨୦୨୯ ସୁଦ୍ଧା ଓଡ଼ିଶାକୁ ୨.୫ଲକ୍ଷ କୋଟି ଟଙ୍କାର ଘରୋଇ ନିବେଶ ଓ ୨ ବିଲିୟନ ଡଲାରରୁ ଅଧିକ ବିଦେଶୀ ପୁଞ୍ଜିନିବେଶ ନିଶ୍ଚିତ କରିବ ।

୩. ଆମ ସରକାର ଜୁନ୍ ୨୦୨୭ ସୁଦ୍ଧା ରାଉରକେଲା, ସମ୍ବଲପୁର ପାରାଦ୍ୱୀପ ଓ ଧାମରା କୁ  ସଂଯୋଗ କରୁଥିବା ଏକ ଶିଳ୍ପ କରିଡର ବିକଶିତ କରିବ, ଯାହା ରାଜ୍ୟ ପାଇଁ ପୁଞ୍ଜିନିବେଶ ଆକୃଷ୍ଟ କରିବାରେ ସାହାଯ୍ୟ କରିବ ।

୪. ଶିଳ୍ପ କ୍ଲଷ୍ଟରକୁ ପ୍ରୋତ୍ସାହିତ କରିବା ପାଇଁ ଆମ ସରକାର **ପ୍ରସ୍ପର ଓଡ଼ିଶା (ପ୍ରୋମୋଟିଙ୍ଗ ରିଜିଓନାଲ ଅପରଚ୍ୟୁନିଟିଜ୍ ଆଣ୍ଡ ସଷ୍ଟେନିଙ୍ଗ ଏନ୍ଟ୍ରେପ୍ରେନ୍ୟୁରିଆଲ ରେଜିଲିଏନ୍ସ)** ଯୋଜନା ମାଧ୍ୟମରେ ଲଘୁ ଓ ମଧ୍ୟମ ଉଦ୍ୟୋଗକୁ ଅଧିକ ଗୁରୁତ୍ୱ ଦେବ । ଏଥିରେ-

- ପ୍ରତିବର୍ଷ ୧,୦୦୦ ଉଦ୍ୟୋଗୀଙ୍କୁ ଷ୍ଟାର୍ଟଅପ୍ ଇଣ୍ଡିଆ ଜରିଆରେ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରାଯିବ ।
- ଏକ ଉଇଣ୍ଡୋ ବ୍ୟବସ୍ଥା ମାଧ୍ୟମରେ ଋଣ ଦେବା ବ୍ୟବସ୍ଥା ଓ ଷ୍ଟାର୍ଟ ଅପ୍ ଗୁଡିକୁ ମାନ୍ୟତା ଦେବା ଇତ୍ୟାଦି ସୁଯୋଗ ପୂର୍ବକ ରାଜ୍ୟରେ ଏକ ସୁଗମ ବ୍ୟବସାୟିକ ପରିବେଶ ତିଆରି କରିବା ପାଇଁ ଆମ ସରକାର ପ୍ରତିଶୃତିବଦ୍ଧ ।



୫. **'କନେକ୍ଟ ଓଡ଼ିଶା'** ଅଭିଯାନ ଅନ୍ତର୍ଗତ ଓଡ଼ିଶାରେ **୮ ଟି** ସ୍ଥାନରେ ମଲ୍ଟି ମୋଡାଲ ଲଜିଷ୍ଟିକସ ପାର୍କ ( ଏମ୍.ଏମ୍.ଏଲ.ପି. ) ପ୍ରତିଷ୍ଠା କରାଯିବ ।

୬. ରାଜ୍ୟର ଉଦ୍ୟାନ କୃଷି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବିଶେଷ ଧ୍ୟାନ ଦିଆଯିବ ଏବଂ ଏଥିପାଇଁ ଏକ **ମେଗା ଫୁଡ ପାର୍କ** ନିର୍ମାଣ କରାଯିବ । ଯେଉଁଥିରେ ରେଡି-ଟୁ-ଇଟ ଓ ରେଡି-ଟୁ- କୁକ୍ ଖାଦ୍ୟର ଉତ୍ପାଦକୁ ପ୍ରୋତ୍ସାହନ ଦିଆଯିବ ।

୭. ଆମ ସରକାର **ଏକ-ଜିଲ୍ଲା-ଏକ-ଉତ୍ପାଦ (ଓଡିଓପି)** କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ପାଦନ, ପାକେଜିଂ ଓ ପ୍ରୋତ୍ସାହନକୁ ସମର୍ଥନ କରିବ । ଏକ 'ୟୁନିଟି  ମଲ' ମାଧ୍ୟମରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରଗୁଡିକୁ ସଂଯୋଗ କରାଯିବ । ଏଥିରେ ବିଭିନ୍ନ ଓଡିଓପି ବସ୍ତୁଗୁଡିକର କ୍ରୟ-ବିକ୍ରୟ ବ୍ୟବସ୍ଥା କରାଯିବ ।

୮. ରାଜ୍ୟକୁ ନୂତନ ଶିଳ୍ପସଂସ୍ଥାଗୁଡିକୁ ଆକୃଷ୍ଟ କରିବା ପାଇଁ ଆମ ସରକାର ଓଡ଼ିଶାର **ଭୂମି ବ୍ୟାଙ୍କ ୧୦ ଲକ୍ଷ** ଏକରକୁ ବୃଦ୍ଧି କରିବାର ଯୋଜନା ରଖିଛି ।

୯. ଆମ ସରକାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ପରି ଚାରୋଟି ସହରରେ ଅତ୍ୟାଧୁନିକ **ଷ୍ଟେଟ ଅଫ୍ ଦି ଆର୍ଟ- ଆଇଟି ପାର୍କ** ପ୍ରତିଷ୍ଠା କିରବ ।

୧୦. ୨୦୧୯ ମସିହା ସୁଦ୍ଧା ଓଡ଼ିଶାକୁ ଭାରତର **ପଞ୍ଚମ ସର୍ବବୃହତ୍ ରପ୍ତାନୀକାରୀ** ରାଜ୍ୟ ଭାବରେ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ **"ଉତ୍କର୍ଷ ଉଦ୍ୟମ ଯୋଜନା"** ଆରମ୍ଭ କରିବୁ। ଏହି ଯୋଜନା ଅଧୀନରେ ରାଜ୍ୟ ସରକାର ଘରୋଇ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ପୂର୍ବକ ଆର୍ଥିକ ସହାୟତା ପ୍ରଦାନ କରିବେ ଓ

- ମେଗା ଫୁଡ୍ ପାର୍କ
- କୋଲ୍ଡ଼ ଚେନ୍ ପ୍ରକଳ୍ପ
- ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍
- ପ୍ରାଥମିକ ପ୍ରକ୍ରିୟାକରଣ ଓ ସଂଗ୍ରହ କେନ୍ଦ୍ର ଇତ୍ୟାଦି ପ୍ରତିଷ୍ଠା କରିବେ।

୧୧. **ସଞ୍ଚୟ ଯୋଜନା** ଅଧୀନରେ ଆମେ ୧,୦୦୦ "ପ୍ୟାକ୍ ହାଉସ୍" ପ୍ରତିଷ୍ଠା କରିବୁ ଯାହାକି ୪୪,୬୧,୦୦୦ ବର୍ଗଫୁଟ୍ ଜାଗାରେ ପ୍ରତିଷ୍ଠା ହେବ। ଏହା ଶୀଘ୍ର ନଷ୍ଟ ହେଉଥିବା ଖାଦ୍ୟ ସଂରକ୍ଷଣ କରିବାରେ ସହାୟକ ହେବ ଓ ଖାଦ୍ୟ ରପ୍ତାନୀକୁ ଦ୍ରୁତ ଗତିରେ ବୃଦ୍ଧି କରିବ।

୧୨. ଆମେ ଓଡ଼ିଶାରେ **୨ଟି ସାମୁଦ୍ରିକ ଶୈବାଳ ଉଦ୍ୟାନ** ପ୍ରତିଷ୍ଠା କରିବୁ ଯାହା ମାଧ୍ୟମରେ ଉପକୂଳ ଅଞ୍ଚଳରେ ସାମୁଦ୍ରିକ ଶୈବାଳ ଚାଷକୁ ପ୍ରୋତ୍ସାହନ କରିବ।

୧୩. **ଏଫ୍.ଟି.ଆଇ.ଆଇ.** ଭଳି ଏକ ଶିକ୍ଷା ସଂସ୍ଥା ଆମ ସରକାର ନିର୍ମାଣ କରିବ ଏବଂ ରାଜ୍ୟରେ ଏକ ବୃହତ୍ ଫିଲ୍ମ ସିଟି ନିର୍ମାଣ କରିବ, ଯାହାକି ଓଡ଼ିଆ ଚଳଚିତ୍ର ବିକାଶ ଦିଗରେ ଅତ୍ୟନ୍ତ ସହାୟକ ହେବ।



# 05 ନିଯୁକ୍ତି



## ମୋଦୀ ସରକାରଙ୍କ ସଫଳତା

- **ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP)** ଅଧୀନରେ ଓଡ଼ିଶାରେ **₹669.69 କୋଟି** ଟଙ୍କା ବ୍ୟୟରେ **1,97,400** ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।
- **ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (DDU-GKY)** ଅଧୀନରେ **1.74 ଲକ୍ଷ ଯୁବକଯୁବତୀଙ୍କୁ** ତାଲିମ ପ୍ରଦାନ କରାଯାଇ ଓଡ଼ିଶାରେ ନିଯୁକ୍ତି ଦିଆଯାଇଛି।
- ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ଅଧୀନରେ ଓଡ଼ିଶାରେ **4,194 ପ୍ରତିଷ୍ଠାନରେ** ଥିବା **89,296 କର୍ମଚାରୀ ₹189.75 କୋଟି** ଧନରାଶି ସହିତ ଉପକୃତ ହୋଇଛନ୍ତି।
- **ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନା (PMRPY)** ଅଧୀନରେ **₹124.53 କୋଟି ଟଙ୍କାର ସବସିଡି** ଜରିଆରେ **3,003 ପ୍ରତିଷ୍ଠାନ** ଏବଂ **1,42,341 କର୍ମଚାରୀ** ଉପକୃତ ହୋଇଛନ୍ତି।

## ବିଜେଡି ସରକାରର ଅପାରଗତା

- 2019 ରେ ଜାତୀୟ ବେକାରୀ ହାରକୁ ଅତିକ୍ରମ କରି ଓଡ଼ିଶାର ବେକାରୀ ହାର **22.8%** କୁ ବୃଦ୍ଧି ପାଇଥିଲା।
- **'ସ୍କିଲ୍ ଇନ୍ ଓଡ଼ିଶା'** ଅଧୀନରେ **15 ଲକ୍ଷ ଯୁବକ-ଯୁବତୀଙ୍କୁ ଦକ୍ଷତା** ପ୍ରଦାନ କରିବାର ପ୍ରତିଶୃତି ଦେଇଥିଲେ ମଧ ବିଜେଡି ସରକାର ଏଥିରେ **ସମ୍ପୂର୍ଣ୍ଣ ବିଫଳ** ହୋଇଛି।
- ବିଜୁ ଜନତା ଦଳ ସରକାରଙ୍କ ନିଯୁକ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ତାଲିମପ୍ରାପ୍ତ ଯୁବକମାନଙ୍କ ମଧ୍ୟରୁ **ମାତ୍ର 30%** ଲୋକଙ୍କୁ ନିଯୁକ୍ତି ଦେଇପାରିଛି।

# ଆମର ସଂକଳ୍ପ

୧. ଓଡ଼ିଶାକୁ ଆମେ **'ମେକ ଇନ୍ ଓଡ଼ିଶା'** ଯୋଜନା ମାଧ୍ୟମରେ ଅଟୋ ମୋବାଇଲ, ଇଲେକ୍ଟ୍ରିକ ଯାନ, ସେମିକଣ୍ଡକ୍ଟର, ସୂଚନା ଏବଂ ପ୍ରଯୁକ୍ତି, ସୂଚନା ଏବଂ ପ୍ରଯୁକ୍ତି ଜନିତ ସେବାକାରୀ ଉଦ୍ୟୋଗ ଉପରେ ବିଶେଷ ଗୁରୁତ୍ୱ ଦେଇ ଓଡ଼ିଶାକୁ ସ୍ୱତନ୍ତ୍ର ଉତ୍ପାଦକ ହବରେ ପରିଣତ କରିବୁ, ଯାହାଦ୍ୱାରା ୨୦୨୯ ସୁଦ୍ଧା ୩.୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ।

୨. ଆମେ ନିରପେକ୍ଷ ଭାବରେ **୧.୫ ଲକ୍ଷ ଖାଲିଥିବା ସରକାରୀ ଚାକିରୀରେ** ସ୍ୱଚ୍ଛତାର ସହ ନିଯୁକ୍ତି ପ୍ରଦାନ କରିବୁ। ସରକାର ଗଠନର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ ଏବଂ ଅର୍ଥନୈତିକ ପଛୁଆ ଶ୍ରେଣୀ (EWS) ଏବଂ ଓବିସିମାନଙ୍କୁ ଉପଯୁକ୍ତ ଅନୁପାତରେ ନିଯୁକ୍ତି ପ୍ରଦାନ କରିବୁ।

୩. ଘରୋଇ ଉଦ୍ୟୋଗରେ ୭୫% ସମସ୍ତ ଅଣକୁଶଳୀ, ଅର୍ଦ୍ଧକୁଶଳୀ ପଦବୀରେ ସ୍ଥାନୀୟ **ଓଡ଼ିଆ ଯୁବକଯୁବତୀଙ୍କୁ ନିଯୁକ୍ତି** ଦେଉଥିବା ଉଦ୍ୟୋଗମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବୁ।

୪. ପୂର୍ବତନ ସୈନିକ କୋଟା ଅଧୀନରେ ଥିବା ସମସ୍ତ ରାଜ୍ୟ ସରକାରଙ୍କ ସମସ୍ତ ପଦବୀକୁ ପ୍ରାଥମିକତା ଭିତ୍ତିରେ ପୂରଣ କରିବୁ।

୫. ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଯୁବକ ଏବଂ ଯୁବତୀମାନଙ୍କ ଉଦ୍ୟଗ ପଦକ୍ଷେପକୁ ଆର୍ଥିକ ସହାୟତା ଏବଂ ପର୍ଯ୍ୟାପ୍ତ ସୁବିଧା ଦେବାପାଇଁ ଆମେ ସରକାରକୁ ଆସିବା ମାତ୍ରେ ଏସସି ଏବଂ ଏସଟି ଉନ୍ନୟନ ସମବାୟ ନିଗମକୁ **₹ ୨୦୦୦ କୋଟି ଟଙ୍କା** ପ୍ରଦାନ କରିବୁ।

6. ଆମ ରାଜ୍ୟର ସରକାରୀ ଚାକିରୀ ପାଇଁ **ଲାଟେରାଲ ଏଣ୍ଟ୍ରି** ଅବଲମ୍ବନ କରି ୟୁପିଏସସି ପରୀକ୍ଷାରେ ଦୁଇଟି ଷ୍ଟେଜ ଅତିକ୍ରମ କରିଥିବା ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ଅଗ୍ରାଧିକାରୀ ଦେବୁ।

7. ଆମେ **'ଓଡ଼ିଶା ଶିକ୍ଷା ଏପ୍ରେଣ୍ଟିସ ଯୋଜନା '** (ODISHA YOUTH APPRENTICESHIP SCHEME) ଆରମ୍ଭ କରି ନବୀଶମାନଙ୍କୁ ପ୍ରତିମାସରେ ୨୦୦୦ଟଙ୍କା ପ୍ରଦାନ କରିବୁ। ଏଥି ସକାଶେ ସମସ୍ତ ଉଦ୍ୟୋଗୀମାନଙ୍କ ସହ ଏମ୍‌ଓୟୁ କରି ୨୫ ପ୍ରତିଶତ ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ସହଯୋଗ ପ୍ରଦାନ କରିବୁ।



୮. ୨୦୨୯ ମସିହା ସୁଦ୍ଧା ୫୦,୦୦୦ରୁ ଅଧିକ ଯୁବକମାନଙ୍କୁ ନିର୍ମାଣ ଏବଂ ଦକ୍ଷତା ସମ୍ପର୍କିତ ରାଜମିସ୍ତ୍ରୀ ତାଲିମକୁ ଓଡ଼ିଶାରେ ପାଞ୍ଚଟି ଅତ୍ୟାଧୁନିକ **ଷ୍ଟେଟ୍ ଅଫ୍ ଆର୍ଟ ବିଶ୍ୱକର୍ମା କେନ୍ଦ୍ର** ପ୍ରତିଷ୍ଠା କରି ପ୍ରଦାନ କରିବୁ।

୨. ଆମେ ହସ୍ତଶିଳ୍ପ କାରିଗର ଏବଂ ବୁଣାକାରଙ୍କ ଉନ୍ନତି ପାଇଁ **ଓଡ଼ିଶା ହସ୍ତଶିଳ୍ପ ଏବଂ କାରିଗରୀ ପ୍ରୋତ୍ସାହନ ନୀତି ୨୦୨୪** ପ୍ରବର୍ତ୍ତନ କରିବୁ ଏବଂ ଋଣ ସହାୟତା ଓ ନବସୃଜନ ଉପରେ ବିଶେଷ ଗୁରୁତ୍ୱ ଦେବୁ।

- ଉତ୍ପାଦନ ୟୁନିଟ ସ୍ଥାପନା ଏବଂ ଦକ୍ଷତା ଉନ୍ନତିକରଣ ତାଲିମ ପାଇଁ ୨୫ ପ୍ରତିଶତ ପର୍ଯନ୍ତ ସବ୍‌ସିଡି ସହିତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବୁ।
- ପାରମ୍ପରିକକ କାରିଗରମାନଙ୍କୁ ଦକ୍ଷ କରିବା ଏବଂ ପାରମ୍ପରିକ ହସ୍ତଶିଳ୍ପକୁ ଏକ ଲାଭଜନକ ଜୀବିକାରେ ପରିଣତ କରିବା ପାଇଁ ଏନ୍.ଆଇ.ଡି. ଏବଂ ଏନ୍.ଆଇ.ଏଫ୍.ଟି ଭଳି ଡିଜାଇନ୍ କୌଶଳ ପ୍ରତିଷ୍ଠା ସହଯୋଗରେ ଡିଜାଇନ୍ କାର୍ଯ୍ୟକୁ ସୁଗମ କରିବୁ।
- ହସ୍ତଶିଳ୍ପ ଉତ୍ପାଦକଗୁଡିକୁ ପ୍ରଭାବଶାଳୀ ବ୍ରାଣ୍ଡରେ ରୁପାନ୍ତରଣ ପାଇଁ ସହଯୋଗ ପ୍ରଦାନ କରିବୁ।
- ରାଜ୍ୟର ବିଭିନ୍ନ ହସ୍ତଶିଳ୍ପ ଗୋଷ୍ଠୀ ଏବଂ ଉତ୍ପାଦକମାନଙ୍କୁ ଜାତୀୟ ଏବଂ ଆନ୍ତର୍ଜାତୀୟ ଚାହିଦା ଅନୁଯାୟୀ ଉତ୍ପାଦନ ପ୍ରସ୍ତୁତ କରିବାରେ ସୁବିଧା ସୁଯୋଗ ଦେବାପାଇଁ ଓଡ଼ିଶା ହସ୍ତଶିଳ୍ପ ଡିଜାଇନ୍ ବ୍ୟାଙ୍କ ପ୍ରତିଷ୍ଠା କରିବୁ।

10. ଅଲିଭ ରିଡଲେ କଇଁଛ ପ୍ରଜନନ ଋତୁରେ ମାଛଧରା ନିଷେଧ ପ୍ରଭାବିତ ମତ୍ସ୍ୟଜୀବିଙ୍କୁ ଆମେ ନିଯୁକ୍ତି, ପୁନର୍ବାସ ଏବଂ ଉପଯୁକ୍ତ କ୍ଷତିପୁରଣ ପ୍ରଦାନ କରିବୁ।

# 06 ସ୍ୱାସ୍ଥ୍ୟ ଏବଂ ପୋଷଣ




## ମୋଦୀ ସରକାରଙ୍କ ସଫଳତା

- **ଜାତୀୟ ସ୍ୱାସ୍ଥ୍ୟ ମିଶନ (NHM)** ଅଧୀନରେ ଓଡ଼ିଶା ପାଇଁ **₹10,000 କୋଟି** ଟଙ୍କାରୁ ଅଧିକ ଜାରି କରାଯାଇଛି।
- ସୁଲଭ ମୂଲ୍ୟରେ ଔଷଧ ଯୋଗାଇବା ପାଇଁ ଆମ ସରକାର **488ଟି ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର** ପ୍ରତିଷ୍ଠା କରିଛନ୍ତି।
- **ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (PMSSY)** ଅଧୀନରେ **₹820 କୋଟି** ଟଙ୍କା ଆବଣ୍ଟନ ସହିତ ତିନୋଟି ନୂତନ ସରକାରୀ ମେଡିକାଲ କଲେଜକୁ ନବୀକରଣ ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି।
- **ପୋଷଣ ଅଭିଯାନ** ଅଧୀନରେ ପ୍ରାୟ **41 ଲକ୍ଷ** ଶିଶୁ, କିଶୋରୀ ଏବଂ ଗର୍ଭବତୀ ମହିଳାମାନଙ୍କୁ **₹825.19 କୋଟି** ଟଙ୍କା ବ୍ୟୟରେ ପୋଷଣ ଯୋଗାଇ ଦିଆଯାଇଛି।

## ବିଜେଡି ସରକାରର ଅପାରଗତା

- ଓଡ଼ିଶାରେ 2023 ମସିହାରେ **48,000 ଶିଶୁ ପୁଷ୍ଟିହୀନତା (SAM) ର ଶିକାର** ହୋଇଥିଲେ।
- **ରାଜ୍ୟ ସ୍ୱାସ୍ଥ୍ୟ ସୂଚକାଙ୍କରେ** ଓଡ଼ିଶା **19ଟି** ବୃହତ ରାଜ୍ୟମାନଙ୍କ ମଧ୍ୟରେ **14ତମ** ସ୍ଥାନରେ ରହିଛି। (2019-20)।
- ରାଜ୍ୟରେ ପ୍ରାୟ **3000 ରୁ ଅଧିକ ଡାକ୍ତର ପଦବୀ ଖାଲି** ପଡିଥିବା ବେଳେ, ମେଡିକାଲମାନଙ୍କରେ ଡାକ୍ତରଙ୍କ ଘୋର ଅଭାବ ପରିଲକ୍ଷିତ ହେଉଛି।
- **ଜାତୀୟ ଡାକ୍ତର-ରୋଗୀ ଅନୁପାତ 1:834** ଥିବା ବେଳେ **ଓଡ଼ିଶା ରେ ଏହା 1:2,187** ରହିଛି ଯାହା ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ସ୍ପଷ୍ଟ କରୁଛି।
- 2015-16 ରେ ମହିଳାମାନଙ୍କ ମଧ୍ୟରେ **ରକ୍ତହୀନତାର ହାର 47.6 ପ୍ରତିଶତ** ଥିବା ବେଳେ **2019-21 ରେ ଏହା 61.8 ପ୍ରତିଶତକୁ** ବୃଦ୍ଧି ପାଇଛି।

# ଆମର ସଂକଳ୍ପ

୧. ଆମେ କ୍ଷମତାକୁ ଆସିବାର ୧୦୦ ଦିନ ଭିତରେ **ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (AB-PMJAY)** କାର୍ଯ୍ୟକାରୀ କରିବୁ । ଏହାଦ୍ୱାରା ଦେଶର ସର୍ବବୃହତ ସାର୍ବଜନୀନ ସ୍ୱାସ୍ଥ୍ୟ ବୀମା ବାର୍ଷିକ ଆୟ ଆଠ ଲକ୍ଷ ଟଙ୍କାର କମ୍ ଥିବା ଓଡ଼ିଶାବାସୀଙ୍କୁ ଉପଲବ୍ଧ କରାଯିବ ।

୨. ଆମେ **ମିଶନ ସ୍ୱାସ୍ଥ୍ୟ ଓଡ଼ିଶା** ଜରିଆରେ ଓଡ଼ିଶାର ସାର୍ବଜନୀନ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ସୁନିଶ୍ଚିତ କରିବୁ । ଅଧିକନ୍ତୁ -

- ପ୍ରତ୍ୟେକ ଜିଲ୍ଲାରେ ଏକ ନର୍ସିଂ କଲେଜ, ଏକ ମେଡିକାଲ କଲେଜ ଏବଂ ଏକ ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା କରିବୁ ।
- ବର୍ତ୍ତମାନ ସମୟରେ ଥିବା ପ୍ରତ୍ୟେକ ୬୬୮୮ଟି ଉପକେନ୍ଦ୍ର ଏବଂ ୧୨୨୬ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆରୋଗ୍ୟ ମନ୍ଦିର ଭାବେ ଉନ୍ନତି କରାଯିବ ।
- ଲୋକଙ୍କୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇବା ପାଇଁ ସମସ୍ତ ଆରୋଗ୍ୟ ମନ୍ଦିରରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଖୋଲାଯିବ ।

୩. ଆମେ **ମାତୃତ୍ୱ ସୁରକ୍ଷା ଯୋଜନାର** ଶୁଭାରମ୍ଭ କରିବୁ । ଏହା ଅଧୀନରେ ପ୍ରତ୍ୟେକ ଗର୍ଭବତୀ ମହିଳାଙ୍କୁ ୨୧୦୦୦ ଟଙ୍କା ସହାୟତା ପ୍ରଦାନ କରି ପ୍ରତ୍ୟେକଙ୍କୁ ୬ଟି ପୃଷ୍ଟିକର କିଟ୍ ଏବଂ ଗୋଟିଏ କିସ୍ତି ଆୟ ସହାୟତା ପ୍ରଦାନ କରିବୁ ।

୪. ଆମେ ପ୍ରତ୍ୟେକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୦୨୭ ଭିତରେ ଆଧୁନିକକରଣ କରିବୁ, ସେଠାରେ ଦୁଇ ଶଯ୍ୟା ବିଶିଷ୍ଟ ଡାୟାଲିସିସ ୟୁନିଟ, ଚାରି ଶଯ୍ୟା ବିଶିଷ୍ଟ ଆଇସିୟୁ ଏବଂ ଗୋଟିଏ ଅପରେସନ ଥିଏଟର ସ୍ଥାପନ କରିବୁ ।

୫. ସମଗ୍ର ରାଜ୍ୟର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୬ ହଜାର ଶଯ୍ୟା ସ୍ଥାପନ କରି ଆମେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବୁ । ଏହା ବ୍ୟତୀତ ୧୦୦ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସବଡିଭିଜିନାଲ ଡାକ୍ତରଖାନାରେ ପରିଣତ କରିବୁ, ଯେଉଁଠିରେ ମାତୃତ୍ୱ ସ୍ୱାସ୍ଥ୍ୟସୁବିଧା, ନବଜାତ ଶିଶୁଙ୍କ ଚିକିତ୍ସା ସୁବିଧା, ରକ୍ତଭଣ୍ଡାର ସୁବିଧା ରହିବ ।




୬. ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପ୍ରତ୍ୟେକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସହ ଯୋଡି ହୋଇଥିବା ଗୋଟିଏ ଗୋଟିଏ **ଭ୍ରାମ୍ୟମାଣ ଡାକ୍ତରଖାନା** ପ୍ରତିଷ୍ଠା କରିବୁ ଏବଂ ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ଆଣିବୁ ।

୭. ଆମେ ପ୍ରତ୍ୟେକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ **ନେତ୍ରାଳୟ** ଚକ୍ଷୁ ଚିକିତ୍ସା ପ୍ରତିଷ୍ଠା କରିବୁ ।

୮. ଆମେ ଓଡ଼ିଶାର ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ରାଜ୍ୟରେ ଅଧିକ **୩ ହଜାର ନୂଆ ଡାକ୍ତର ପଦବୀ** ସୃଷ୍ଟିକରି ନୂତନ ନିଯୁକ୍ତି ଦେବୁ ।

୯. ଆମେ ସମ୍ବଲପୁରଠାରେ ଓଡ଼ିଶାର **ଦ୍ୱିତୀୟ ଏମ୍ସ** ପ୍ରତିଷ୍ଠା କରିବୁ ।

୧୦. ଆମେ ଓଡ଼ିଶାର ଦକ୍ଷିଣ, କେନ୍ଦ୍ରୀୟ ଏବଂ ଉତ୍ତରରେ **୩ଟି ସ୍ୱତନ୍ତ୍ର କ୍ୟାନସର ହସପିଟାଲ** ପ୍ରତିଷ୍ଠା କରିବୁ ।

୧୧. ଆମେ **₹୫୦୦ କୋଟି** ଟଙ୍କାର ମୁଖ୍ୟମନ୍ତ୍ରୀ ଆରୋଗ୍ୟନିଧି କର୍ପସ ପାଣ୍ଠି ପ୍ରତିଷ୍ଠା କରିବୁ ଯାହା ଆଦିବାସୀ ଅଞ୍ଚଳରେ ଥାଲାସେମିଆ, ଆନ୍ତ୍ରାକ୍ସ ଏବଂ ସିକଲସେଲ ରକ୍ତହୀନତା ଭଳି ରୋଗରେ ପୀଡ଼ିତ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରିବ ।

୧୨. ଜାତୀୟ ଭେକ୍ଟର ଜନିତ ରୋଗ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ପ୍ରତ୍ୟେକ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଉତ୍ସର୍ଗୀକୃତ ମ୍ୟାଲେରିଆ ୱାର୍ଡ଼ ପ୍ରତିଷ୍ଠା କରି ୨୦୩୦ ମସିହା ସୁଦ୍ଧା ରାଜ୍ୟକୁ ମ୍ୟାଲେରିଆମୁକ୍ତ ରାଜ୍ୟ ଭାବେ ପରିଣତ କରିବୁ।

୧୩. ଆମେ ପ୍ରତ୍ୟେକ ବ୍ଲକ୍‌ରେ ଗର୍ଭବତୀ ମହିଳାଙ୍କ ପାଇଁ **"ସୁଗମ"** ନାମକ ଚାରୋଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ନିୟୋଜିତ କରିବୁ ଯାହା ଡ଼ାକ୍ତରଖାନାରୁ ସମ୍ପୃକ୍ତଙ୍କ ଘରକୁ ନେବା ଆଣିବା ସୁବିଧା ପ୍ରଦାନ କରିବ।

୧୪. ଆମେ ଉପଲବ୍ଧ ହେଲ୍ପଲାଇନ୍ ନମ୍ବର ଜରିଆରେ ଜିଲ୍ଲାସ୍ତରୀୟ ଡ଼ାକ୍ତରଖାନା ଗୁଡ଼ିକରେ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଏବଂ ନର୍ସଙ୍କ ସେବା ଉପଲବ୍ଧ କରାଇବୁ।

୧୫. ଆମେ କ୍ଷମତାକୁ ଆସିବାର ଛ ମାସ ମଧ୍ୟରେ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ **ଆଣ୍ଟି ଭେନମ ଉପଲବ୍ଧ** କରାଇବୁ।

୧୬. ଆମେ ରାଜ୍ୟରେ **ଇ-ବୈଦ୍ୟ ମିଶନ** ଆରମ୍ଭ କରିବୁ ଯେଉଁଥିରେ

- ଆମେ ରାଜ୍ୟରେ ନିରୋଗ୍ୟ ଆପ ସାହାଯ୍ୟରେ ଏକ ଟେଲି ମେଡ଼ିସିନ୍ ସେବା ଆରମ୍ଭ କରିବୁ।
- ରାଜ୍ୟର ଦୁର୍ଗମ ଅଞ୍ଚଳରେ ଔଷଧ ପରିବହନ ପାଇଁ ଆମେ ପାଇଲଟ ଡ୍ରୋନ ସୁବିଧା ଆରମ୍ଭ କରିବୁ।



07

# ମହିଳା ଏବଂ ଶିଶୁ ବିକାଶ



## ମୋଦୀ ସରକାରଙ୍କ ସଫଳତା

- **ଉଜ୍ଜ୍ୱଳା ଯୋଜନା** ଅଧୀନରେ ମୋଦୀ ସରକାର **₹571.72 କୋଟି** ଟଙ୍କା ବ୍ୟୟରେ **55 ଲକ୍ଷରୁ ଅଧିକ** ଏଲପିଜି ସଂଯୋଗ ପ୍ରଦାନ କରିଛନ୍ତି।
- **ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ** ଅଧୀନରେ, ପ୍ରାୟ **2.7 ଲକ୍ଷ** ଗର୍ଭବତୀ ମହିଳା ମାଗଣା ଏବଂ ଗୁଣାତ୍ମକ ପ୍ରାକ ପ୍ରସବ ଯତ୍ନର ଲାଭ ଉଠାଇଛନ୍ତି।
- **ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଆଜୀବିକା ମିଶନ** ଅଧୀନରେ, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ₹3,100 କୋଟି ଟଙ୍କାରୁ ଅଧିକ ରାଶି ଆବଣ୍ଟନ କରାଯାଇଛି।
- **ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ (ପିଏମ ପୋଷଣ)** ଅଧୀନରେ **2,84,267 ଜଣ ଗର୍ଭବତୀ ମହିଳା ଏବଂ 2,12,885 ଜଣ ସ୍ତନ୍ୟପାନ କରାଉଥିବା** ମା' ଉପକୃତ ହୋଇଛନ୍ତି।

## ବିଜେଡି ସରକାରର ଅପାରଗତା

- **2021 ଏବଂ 2022** ରେ **ମହିଳା ବିରୋଧୀ ଅପରାଧରେ** ଓଡ଼ିଶା **ଶୀର୍ଷ ପାଞ୍ଚଟି ରାଜ୍ୟ ମଧ୍ୟରେ** ଥିଲା।
- ଓଡ଼ିଶାରେ ମହିଳାମାନଙ୍କ ସମ୍ମାନ କ୍ଷୁର୍ଣ୍ଣ କରିବା ଉଦ୍ଦେଶ୍ୟରେ ସେମାନଙ୍କ ଉପରେ ଆକ୍ରମଣର **14,853ଟି ମାମଲା ରେକର୍ଡ** କରାଯାଇଛି, ଯାହା ସମଗ୍ର ଦେଶରେ ସର୍ବାଧିକ ଅଟେ।
- ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଦେଶରେ **ସର୍ବାଧିକ ସଂଖ୍ୟକ ମହିଳାଙ୍କୁ ହତ୍ୟା ମାମଲାରେ ରାଜ୍ୟ ପଞ୍ଚମ ସ୍ଥାନରେ** ରହିଛି।

# ଆମର ସଂକଳ୍ପ

୧. ଆମେ ପ୍ରତ୍ୟେକ ଅଙ୍ଗନୱାଡ଼ି କର୍ମୀଙ୍କ ମାସିକ ଦରମା ୧୨,୦୦୦ ଟଙ୍କାକୁ ଓ ଅଙ୍ଗନୱାଡ଼ି ସହାୟକଙ୍କ ମାସିକ ଦରମା ୮,୦୦୦ ଟଙ୍କାକୁ ବୃଦ୍ଧି କରିବୁ ।

୨. ଆମେ **ସୁଭଦ୍ରା ଯୋଜନା** ଆରମ୍ଭ କରିବୁ ଯେଉଁଥିରେ ପ୍ରତ୍ୟେକ ମହିଳା ୫୦,୦୦୦ ଟଙ୍କାର ନଗଦ ଭାଉଚର ପାଇବେ ଯାହା ଦୁଇ ବର୍ଷ ମଧ୍ୟରେ ଖର୍ଚ୍ଚ କରାଯାଇ ପାରିବ |

୩. ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ଛାତ୍ରୀମାନଙ୍କ ପାଇଁ ଆମ ସରକାର **"ମୋ ମେଧାବୀ ଝିଅ ଯୋଜନା"** ମାଧ୍ୟମରେ ୨,୦୦,୦୦୦ ଟଙ୍କାର ଆଶ୍ୱାସନା ପ୍ରମାଣପତ୍ର ଝିଅ ଜନ୍ମ ବେଳେ ପ୍ରଦାନ କରାଯିବ ଯାହାକି ଝିଅ ୨୧ ବର୍ଷରେ ପହଞ୍ଚିଲା ପରେ ନଗଦ ଟଙ୍କା ଆକାରରେ ସେ ଝିଅ ପାଇପାରିବ ।

୪. ଆମେ ୨୦୨୭ ସୁଦ୍ଧା ଓଡ଼ିଶାରେ ୨୫ ଲକ୍ଷ **'ଲକ୍ଷପତି ଦିଦି'** ସୃଷ୍ଟି କରିବାର ଲକ୍ଷ୍ୟ ରଖୁଛୁ । ଏହି ଉଦ୍ଦେଶ୍ୟରେ ଆମେ ପ୍ରତି ୫୦୦ ସ୍ୱଂୟ ସହାୟକ ଗୋଷ୍ଠୀ ପାଇଁ ଶିଳ୍ପ କ୍ଲଷ୍ଟର ପ୍ରତିଷ୍ଠା କରିବୁ । ଏହି କ୍ଲଷ୍ଟରଗୁଡ଼ିକରେ ଆମେ ଉତ୍ପାଦର ବିପଣନ ପ୍ରୋତ୍ସାହନ ପାଇଁ ପରିଚାଳନାଗତ ସୁବିଧା ପ୍ରଦାନ କରିବୁ ।

୫. ଆମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରି ଆଶା କର୍ମଚାରୀମାନଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଅନ୍ତର୍ଗତ କରି **ସ୍ଥାୟୀ ନିଯୁକ୍ତି** ପ୍ରଦାନ କରିବୁ ।

୬. ଆମେ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ କରିବା ପାଇଁ ଆମ ସରକାର :-

- ପୁଞ୍ଜିନିବେଶ ପାଇଁ ପ୍ରୋତ୍ସାହନ କରାଯିବ ।
- ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିଜକୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ପରିଣତ କରିବାକୁ ସକ୍ଷମ ହେବେ, ସେମାନଙ୍କୁ ତାଙ୍କ ମୂଳ ଋଣର ୧୦ ପ୍ରତିଶତ ଛାଡ଼ କରିବାର ବ୍ୟବସ୍ଥା କରାଯିବ ।

୭. ଆମେ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ ମହିଳା କର୍ମଚାରୀଙ୍କୁ ସହାୟତା କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ **ଶିଶୁ ଲାଳନ ପାଳନର ସୁବିଧା ପ୍ରତିଷ୍ଠା** କରିବୁ ।



୮. ଆମେ ୨୦୨୭ ସୁଦ୍ଧା କୁପୋଷଣ ଦୂର କରିବା ପାଇଁ **ପୋଷଣ ୩.୦** ଆରମ୍ଭ କରିବୁ । ଏହା ମାଧ୍ୟମରେ ଆମେ କିଶୋରରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୁଷ୍ଟିକର ସପ୍ଲିମେଣ୍ଟ୍ ଓ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବୁ ।

୯. ଆମେ ବିଦ୍ୟାଳୟ ଯାଉଥିବା ପିଲାମାନଙ୍କ ମଧ୍ୟରେ କୁପୋଷଣ ଦୂର କରିବା ପାଇଁ ବର୍ତ୍ତମାନର ମଧ୍ୟାହ୍ନ ଭୋଜନ ସହିତ ଏକ **'ଆପୂର୍ତ୍ତି'** ନାମକ ଜଳଖିଆ ଯୋଜନା ଯୋଡ଼ିବୁ ।

୧୦. ପ୍ରତ୍ୟେକ ଜିଲ୍ଲାରେ ଆମ ସରକାର **'ମମ୍'** ( ମିଲ୍କ ଅଫ୍ ମଦର୍ସ) ନାମରେ ଏକ ମାତୃକ୍ଷୀର ବ୍ୟାଙ୍କ ପ୍ରତିଷ୍ଠା କରିବୁ ।

୧୧. ଆମ ସରକାର **'ମାସିକ ଋତୁସ୍ରାବ ଯୋଜନା'** ଅନ୍ତର୍ଗତ ସବୁ ସରକାରୀ ମହିଳା କର୍ମଚାରୀଙ୍କୁ ମାସରେ ଗୋଟିଏ ଦିନ ଛୁଟି ପ୍ରଦାନ କରିବୁ ।

୧୨. ଆମେ ପ୍ରତ୍ୟେକ ଜିଲ୍ଲାରେ **'ରେବତୀ ସଦନ'** ନାମକ କର୍ମଜୀବୀ ମହିଳା ଛାତ୍ରାବାସ ନିର୍ମାଣ କରିବୁ ।

୧୩. ଆମେ ମହିଳାମାନଙ୍କ ତୁରନ୍ତ ସହାୟତା ପାଇଁ ଆମେ **'ସରଳ'** ନାମକ ଏକ ସମନ୍ୱିତ ହେଲ୍ପ ଲାଇନ୍ ନମ୍ବର (୯୯୯) ଆରମ୍ଭ କରିବୁ ।

୧୪. ମାନବ ତସ୍କରୀର ଶିକାର ହୋଇଥିବା ନିରୀହ ମହିଳାଙ୍କୁ ଆମ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ "ବିମୁକ୍ତି କେନ୍ଦ୍ର" ପ୍ରତିଷ୍ଠା କରିବ ଏବଂ ଏପରି ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ କରାଇବୁ ।

# 04 ଜନଜାତି କଲ୍ୟାଣ



## ମୋଦୀ ସରକାରଙ୍କ ସଫଳତା

- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦକ୍ଷ ନେତୃତ୍ୱରେ ଆମ ସରକାର ଭାରତକୁ **ଏହାର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ଭାବେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ** ବାଛିଛନ୍ତି ।
- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଭଗବାନ **ବିର୍ସା ମୁଣ୍ଡାଜୀଙ୍କ ଜନ୍ମ** ବାର୍ଷିକୀକୁ **'ଜନଜାତିୟ ଗୌରବ ଦିବସ'** ଭାବେ ଘୋଷଣା କରିଛନ୍ତି ।
- ମୋଦୀ ସରକାରଙ୍କ ନେତୃତ୍ୱରେ ଓଡ଼ିଶାରେ **104ଟି ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ (EMRS)** କୁ ମଞ୍ଜୁରି ମିଳିଛି ।
- **ବନଧନ ଯୋଜନା** ଅଧୀନରେ ସରକାର ଓଡ଼ିଶାରେ **₹24.80 କୋଟି ଟଙ୍କା** ବ୍ୟୟରେ **170ଟି ବନଧନ ବିକାଶ କେନ୍ଦ୍ର** ପ୍ରତିଷ୍ଠା କରାଯାଇଛି ।
- କେନ୍ଦ୍ରରେ ଥିବା ଆମ ସରକାର ଓଡ଼ିଶାର **4 ଟି , ପି.ଭି.ଟି.ଜି. ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ** କରିଛନ୍ତି ।

## ବିଜେଡି ସରକାରର ଅପାରଗତା

- 2023 ମସିହାରେ ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ସାକ୍ଷରତା ହାର **ମାତ୍ର 52.2%** ରହିଛି ।
- ଜନଜାତିଙ୍କ ମଧ୍ୟରେ 5 ବର୍ଷରୁ କମ୍ ଶିଶୁ ମୃତ୍ୟୁହାର **2019 ରେ 65.6** ଥିବା ବେଳେ **2022 ରେ ଏହା 66.2** କୁ ବୃଦ୍ଧି ପାଇଛି ।
- ବିଜେଡି ସରକାରରେ ମୋଟ **541 ଟି ପିଭିଟିଜି** ବନ ବସତି ମଧ୍ୟରୁ **127 ଟି ସମ୍ପୂର୍ଣ୍ଣ ଅଗମ୍ୟ** ରହିଛି ।
- କେବଳ 2022-23 ବର୍ଷରେ ହିଁ, ଓଡ଼ିଶାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ବିରୋଧରେ **3,000 ରୁ ଅଧିକ ଅତ୍ୟାଚାରର ମାମଲା ରିପୋର୍ଟ** କରାଯାଇଛି ।

# ଆମର ସଂକଳ୍ପ

୧. ଆମେ ଜନଜାତି ଛାତ୍ରମାନଙ୍କୁ **" ମାଧୋ ସିଂ ହାତ ଖର୍ଚ୍ଚ"** ଯୋଜନା ମାଧ୍ୟମରେ ବାର୍ଷିକ ୫,000 ଟଙ୍କା ପ୍ରଦାନ କରି ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ କରିବୁ ଓ ଛାତ୍ରଛାତ୍ରୀମାନଙ୍କୁ ପୁଣି ବିଦ୍ୟାଳୟ ପ୍ରବେଶ ପାଇଁ ପ୍ରୋତ୍ସାହିତ କରିବୁ।

୨. **କେନ୍ଦୁପତ୍ର ତୋଳାଳୀ କଲ୍ୟାଣ ଯୋଜନା** ମାଧ୍ୟମରେ ଆମ ସରକାର-

- ପ୍ରତି କିଲୋ କେନ୍ଦୁପତ୍ର ୨ ଟଙ୍କାରେ କ୍ରୟ କରିବ।
- କେନ୍ଦୁପତ୍ର ତୋଳାଳୀଙ୍କ ୩୫% ବୋନସ ଓ କେନ୍ଦୁପତ୍ର ବନ୍ଧାଳୀ ଓ ଅନ୍ୟାନ୍ୟ ସହାୟକ ଶ୍ରମିକଙ୍କୁ ୧୦% ବୋନସ ଦେବ।

୩. ଆମ ସରକାର ମହୁଲ-ଆଧାରିତ ଜୀବିକାକୁ ପ୍ରୋତ୍ସାହିତ କରିବ।

- ଆମେ ମହୁଲ ଫୁଲ ଉତ୍ପାଦନକାରୀଙ୍କୁ ଏକ ସର୍ବନିମ୍ନ ମୂଲ୍ୟ ଓ ବୋନସ୍ ପ୍ରଦାନ କରିବୁ।
- ଆମେ ମହୁଲ ଫୁଲ ବାଣିଜ୍ୟ ନୀତିକୁ ଉଦାରୀକରଣ କରିବୁ।

୪. ଆମେ ଏକଲବ୍ୟ ମଡ଼େଲ ଆବାସିକ ବିଦ୍ୟାଳୟ ଭଳି ଆମେ **୭୦୫** ଆଶ୍ରମ ବିଦ୍ୟାଳୟକୁ ସହିଦ୍ ଲକ୍ଷ୍ମଣ ନାଏକ ଆଶ୍ରମ ବିଦ୍ୟାଳୟରେ ନାମକରଣ କରିବୁ।

- ୭୦୫ ଆଶ୍ରମ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ନ ବୀକରଣ କରାଯିବ।
- ଆଶ୍ରମ ବିଦ୍ୟାଳୟଗୁଡ଼ିକର ଖାଦ୍ୟର ମାନ ବଢ଼ାଇବା ପାଇଁ ବିଭିନ୍ନ ସ୍ବେଚ୍ଛାସେବୀ ସଂଗଠନର ସହଯୋଗ ନିଆଯିବ।
- ସମସ୍ତ ଆଶ୍ରମ ବିଦ୍ୟାଳୟରେ ପ୍ରଶାସନକୁ ଡ଼ିଜିଟାଇଜ୍ କରାଯିବ।
- ଆଶ୍ରମ ବିଦ୍ୟାଳୟଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ।
- ସମସ୍ତ ୭୦୫ ବିଦ୍ୟାଳୟର ସୁପରିଚାଳନା ପାଇଁ ଏକ ନୋଡ଼ାଲ୍ ପ୍ରଶାସନିକ ସଂସ୍ଥା ପ୍ରତିଷ୍ଠା କରାଯିବ।

୫. ଆମେ ପ୍ରତି ଜନଜାତି ପଞ୍ଚାୟତ ହାଟଗୁଡ଼ିକର ଉନ୍ନତିକରଣ କରି ଏଗୁଡ଼ିକୁ ଜଙ୍ଗଲ ଓ ଉଦ୍ୟାନ କୃଷିଜାତ ଦ୍ରବ୍ୟଗୁଡ଼ିକର ସଂଗ୍ରହ ଓ ବିତରଣକୁ ସୁଗମ କରାଯିବ।



୬. ଆମେ ଜନଜାତି ଜନସଂଖ୍ୟାର ତଥ୍ୟଭିତ୍ତିକ ଆକଳନ ପାଇଁ ଅଧିକାରୀଙ୍କ ମାଧ୍ୟମରେ ଆମେ **ଘର ଘର ବୁଲି ତଥ୍ୟ ସର୍ଭେକ୍ଷଣ** କରିବୁ।

୭. ଆମେ ସରକାରକୁ ଆସିବାର ଗୋଟିଏ ବର୍ଷ ଭିତରେ ଆମେ **ପେସା ନିୟମ** (ପଞ୍ଚାୟତ ଏକ୍ସଟେନ୍ସନ୍ ଟୁ ସେଡୁଲ୍ ଏରିଆଜ୍)କୁ କାର୍ଯ୍ୟକାରୀ କରିବୁ।

୮. ଆମେ ରୋଗାକ୍ରାନ୍ତ ରକ୍ତହୀନତାକୁ ଦୂର କରିବା ପାଇଁ ଆମେ ପ୍ରତ୍ୟେକ ଜିଲ୍ଲାରେ **ନିଦାନ କେନ୍ଦ୍ର** (ପାଥୋଲୋଜି ସେଣ୍ଟର) ପ୍ରତିଷ୍ଠା କରିବୁ।

୯. ଆମେ ଓଡ଼ିଶାର ଜନଜାତି ଭାଷାଗୁଡ଼ିକର ସୁରକ୍ଷା ପାଇଁ ୨୭ଟି **'ଭାଷା ଲ୍ୟାବ୍'** ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠା କରିବୁ।

୧୦. ଆମେ **'ଭ୍ରାମ୍ୟମାଣ ଗ୍ରନ୍ଥାଗାର' (LoW)** ର ବ୍ୟବସ୍ଥା କରିବୁ ଯାହାକି ଜନଜାତି ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ଆବାସ ସ୍ଥାନରେ ପୁସ୍ତକ ଯୋଗାଇ ଦେବ ଓ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସହାୟକ ହେବ।

09

# ସାମାଜିକ କଲ୍ୟାଣ



## ମୋଦୀ ସରକାରଙ୍କ ସଫଳତା

- ଉଜାଳା ଯୋଜନା ଅଧୀନରେ ଓଡ଼ିଶାରେ **5,22,70,570 ଏଲଇଡି ବଲବ୍ , 1,70,868 ଟ୍ୟୁବ୍ ଲାଇଟ୍ ଏବଂ 37,770 ପଙ୍ଖା** ବଣ୍ଟନ କରାଯାଇଛି, ଯାହା ଫଳରେ ଲୋକଙ୍କର **2,718 କୋଟି** ଟଙ୍କା ସଞ୍ଚୟ ହୋଇପାରିଛି ।
- **ପ୍ରଧାନ ମନ୍ତ୍ରୀ ମୁଦ୍ରା** ଯୋଜନା ମାଧ୍ୟମରେ ଓଡ଼ିଶାରେ **75,93,418 ରୁ** ଅଧିକ ଋଣ ପ୍ରଦାନ କରାଯାଇଛି ।
- **ପ୍ରଧାନ ମନ୍ତ୍ରୀ କୌଶଳ ବିକାଶ ଯୋଜନା (PMKVY) ଅଧୀନରେ 5,66,657 ପ୍ରାର୍ଥୀଙ୍କୁ** ପ୍ରାଥମିକ ଶିକ୍ଷାର ପ୍ରଦାନ ପାଇଁ ତାଲିମ ଦିଆଯାଇଛି ଏବଂ **4,42,658 ପ୍ରାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି ।**
- **ଓଡ଼ିଶାର 19.43 ଲକ୍ଷରୁ** ଅଧିକ ହିତାଧିକାରୀ **ଅଟଳ ପେନସନ ଯୋଜନା** ଅଧୀନରେ ଲାଭ ପାଇଛନ୍ତି ।

## ବିଜେଡି ସରକାରର ଅପାରଗତା

- ରାଜ୍ୟ ସରକାରଙ୍କ ଅଧିକାରୀମାନେ ଗୃହ ସହାୟତା ପାଇଁ, ₹20,000 ଏବଂ **ସ୍ୱଚ୍ଛ ଭାରତ ଅଭିଯାନ** ଅଧୀନରେ ଥିବା ଶୌଚାଳୟ ପାଇଁ ₹2,000 ଲାଞ୍ଚ ଦାବି କରୁଛନ୍ତି ।
- ବ୍ୟାପକ ଦୁର୍ନୀତି ଯୋଗୁ **75% ଅନୁସୂଚିତ ଜାତି ଓ ଜନଜାତିୟ** ହିତାଧିକାରୀଙ୍କୁ ମାଟ୍ରିକ୍ ପରବର୍ତ୍ତୀ ସ୍କଲାରସିପ୍ ଯୋଜନା ଅଧିକାରରୁ **ବଞ୍ଚିତ ରଖାଯାଇଛି ।**
- ପଛୁଆ ବର୍ଗଙ୍କ ପାଇଁ ଓଡ଼ିଶାରେ ଶିକ୍ଷାଗତ କୋଟାର ଅଭାବ ରହିଛି ଏବଂ ବର୍ତ୍ତମାନର ସରକାରୀ ଚାକିରୀ 11.35% ସଂରକ୍ଷଣ 54% OBC ଜନସଂଖ୍ୟାଠାରୁ ବହୁତ କମ୍ ଅଟେ ।
- 157,000 ରୁ ଅଧିକ ପରିବାର ଆଜି ଯାଏଁ ଛପା ମାଧ୍ୟମରେ ମୁଦ୍ରିତ ରାସନ କାର୍ଡ ରାସନ କାର୍ଡ ପାଇବାକୁ ଅପେକ୍ଷା କରିଛନ୍ତି ।

# ଆମର ସଂକଳ୍ପ

୧ ଆମେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମ୍ପୂର୍ଣ କାର୍ଯ୍ୟକାରିତା ନିଶ୍ଚିତ କରିବୁ, ଯାହା ଅଧୀନରେ ଗ୍ରାମାଞ୍ଚଳରେ ୧୦ ଲକ୍ଷ ଘର ଓ ସହରାଞ୍ଚଳରେ ୫ ଲକ୍ଷ ଘର ନିର୍ମାଣ ହେବ।

୨. ଆମେ ସ୍ୱଳ୍ପ ଆୟକାରୀ ଗୋଷ୍ଠୀ ଯେଉଁମାନେ PMAYରେ ଅର୍ନ୍ତଭୁକ୍ତ ନାହାନ୍ତି, ତାଙ୍କୁ ଗୃହ ପ୍ରଦାନ ସୁନିଶ୍ଚିତ କରିବା ପାଇଁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ଆରମ୍ଭ କରିବୁ।

୩. ଆମେ ଜଳ ଜୀବନ ମିଶନ୍‌ର ସଂପୂର୍ଣ୍ଣ କାର୍ଯ୍ୟକାରିତା କରି ୨୨ ଲକ୍ଷରୁ ଅଧିକ ପରିବାରକୁ ଏବଂ ଓଡ଼ିଶାର ୪୦,୦୦୦ ସର୍ବ ସାଧାରଣ ସ୍ଥାନରେ ସୁରକ୍ଷିତ ଏବଂ ବିଶୁଦ୍ଧ ପାନୀୟ ଜଳ ନିଶ୍ଚିତ କରିବୁ।

୪. ଆମେ ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ୫ ଲକ୍ଷ ବୀମା କଭର ଯୋଗେଇବା ଏବଂ କେନ୍ଦ୍ର ସରକାରଙ୍କ ଇ-ଶ୍ରମ ପଦକ୍ଷେପ ମାଧ୍ୟମରେ ଅଣ ସଂଗଠିତ ଶ୍ରମିକମାନଙ୍କୁ ନାମ ଲେଖାଇବା ପାଇଁ ଏକ ବଡ଼ଧରଣର ପଞ୍ଜିକରଣ ବ୍ୟବସ୍ଥା କରିବୁ।

୫. ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ବ୍ୟକ୍ତି ବିଶେଷଙ୍କ କଲ୍ୟାଣ ପାଇଁ ଆମେ ଭାରତର ସମସ୍ତ ମେଟ୍ରୋ ସହରରେ ଓଡ଼ିଆ ସମୁଦାୟ ଭବନ ପ୍ରତିଷ୍ଠା କରିବୁ।

୬. ଆମେ ଅଣସଂଗଠିତ କ୍ଷେତ୍ରର ସମସ୍ତ ଶ୍ରମିକ ଯେପରି ଅଟୋଚାଳକ, ବିତରକ, ଟ୍ରକ୍ ଚାଳକ ଇତ୍ୟାଦି ଲୋକଙ୍କ ପଞ୍ଜିକରଣ ଇ-ଶ୍ରମ କାର୍ଡ ପୋର୍ଟାଲରେ ନିଶ୍ଚିତ କରି ତାଙ୍କ ପେନ୍‌ସନ ଓ ବୀମା ସୁବିଧା ନିଶ୍ଚିତ କରିବୁ।

୭. ଆମେ ରାଜ୍ୟର ପ୍ରତ୍ୟେକ ଅଣ ସଂଗଠିତ ଶ୍ରମିକଙ୍କ ପାଇଁ ୧୦ ଲକ୍ଷ ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇବା ପାଇଁ ଶ୍ରମ କଲ୍ୟାଣ ଯୋଜନା ପ୍ରବର୍ତନ କରିବୁ।


୮. ଆମେ ଶ୍ରମ ଜ୍ୟୋତି ଯୋଜନା ଆରମ୍ଭ କରିବୁ ଯାହା ମାଧ୍ୟମରେ ପ୍ରତ୍ୟେକ ଇ-ଶ୍ରମ ପଞ୍ଜିକୃତ ଅଣ ସଂଗଠିତ କର୍ମଚାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଦୁର୍ଘଟଣା ବୀମା ଏବଂ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟର୍ମ ବୀମା ପ୍ରଦାନ କରାଯିବ।

୯. ଆମେ ନଗରାଞ୍ଚଳ ଶ୍ରମିକମାନଙ୍କ ପାଇଁ ପେନ୍‌ସନ ଏବଂ ସୁବିଧା ମାଧ୍ୟମରେ 'ସମୃଦ୍ଧି' ଯୋଜନା ଅନ୍ତର୍ଗତ ଗାରିମା ଯୋଜନାର ପରିସର ବିସ୍ତାରର କାର୍ଯ୍ୟ ସୁନିଶ୍ଚିତ କରିବୁ।

୧୦. ଆମେ ସଂଶୋଧନାତ୍ମକ କାର୍ଯ୍ୟ ହାତକୁ ନେଇ ରାଜ୍ୟର ପ୍ରବାସୀମାନଙ୍କୁ ଗୋଟିଏ ଦେଶ - ଗୋଟିଏ ରାସନ୍ କାର୍ଡ ପ୍ରଦାନ କରିବୁ।

୧୧. ଆମେ ଓଡ଼ିଆ ଉତ୍ତମ ଛାତ୍ରବୃତ୍ତି ଆରମ୍ଭ କରିବୁ ଯାହା ଅଧୀନରେ ଅନୁସୂଚିତ ଜାତି/ଜନଜାତି ସଂପ୍ରଦାୟର ବର୍ଷକୁ ୩୦ ବିଦେଶୀ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଏବଂ ଡକ୍ଟରରେଟ୍ ପାଠ୍ୟକ୍ରମ ପାଇଁ ପ୍ରତିବର୍ଷ ଶତ ପ୍ରତିଶତ ବୃଦ୍ଧି ପ୍ରଦାନ କରିବୁ।

୧୨. ଆମେ ସମସ୍ତ ରାଜ୍ୟ ସରକାରଙ୍କ ଯୋଜନାରେ ବରିଷ୍ଠ ନାଗରିକମାନଙ୍କୁ ପ୍ରାଥମିକତା ଦେବୁ।



୧୩. ଆମେ ଦିବ୍ୟାଙ୍ଗ ପିଲାମାନଙ୍କୁ ଅତିଶୀଘ୍ର ଚିହ୍ନଟ କରି ଆଜୀବନ ସହାୟତା ସହିତ ସଂପୂର୍ଣ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସହାୟତା ଯୋଗାଇବା ପାଇଁ ' ସର୍ବଗୁଣ ସଂପୂର୍ଣ୍ଣ ଯୋଜନା' ଆରମ୍ଭ କରିବୁ । ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବ -

- ସ୍ୱାସ୍ଥ୍ୟସେବା, ବିଶେଷ ଚିକିତ୍ସା, ସହାୟକ ସହାୟତା ସମେତ ଉପକରଣଗୁଡିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଜିଲ୍ଲାରେ ବ୍ୟାପକ ପୁର୍ନବାସ କେନ୍ଦ୍ର ସ୍ଥାପନ କରିବୁ ।
- ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲ୍ଲା ଡାକ୍ତରଖାନାରେ ପରୀକ୍ଷା ଓ ଚିହ୍ନଟ ସୁବିଧା ସହିତ 'ଦିବ୍ୟାଙ୍ଗ ସମର୍ଥ ଯୋଜନା' ଆରମ୍ଭ କରିବୁ ।
- ଆମେ ସୁନିଶ୍ଚିତ କରିବା ଯେ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ପରାମର୍ଶଦାତା, ସହାୟକ ଯେଉଁମାନେ ଦିବ୍ୟାଙ୍ଗ ପିଲାମାନଙ୍କର ଅଭିଭାବକମାନଙ୍କୁ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିବେ ।

୧୪. ଆମେ ରାଜ୍ୟରେ ବୁଣାକାର ଏବଂ ହସ୍ତତନ୍ତ୍ର ଶ୍ରମିକମାନଙ୍କ ପାଇଁ ଆମେ 'ବୁଣାକାର ସମ୍ମାନ ନିଧି ଆରମ୍ଭ କରିବୁ -

- ଆମେ ୪୦ ରୁ ୬୦ ବର୍ଷ ବୟସ୍କ ସମସ୍ତ ହିତାଧିକାରୀଙ୍କ ପାଇଁ ୩୦୦୦ ଟଙ୍କାର ମାସିକ ଆର୍ଥିକ ସହାୟତା ପ୍ରଦାନ କରିବୁ ।
- ଆମେ ୬୦ ବର୍ଷରୁ ଅଧିକ ସମସ୍ତ ହିତାଧିକାରୀଙ୍କ ପାଇଁ ୩,୫୦୦ ଟଙ୍କାର ମାସିକ ଆର୍ଥିକ ସହାୟତା ପ୍ରଦାନ ପ୍ରଦାନ କରିବୁ ।

୧୫. ଆମେ ୨୦୨୫ ସୁଦ୍ଧା NFSA ମାଧ୍ୟମରେ ସର୍ବଭାରତୀୟ ସ୍ତରରେ ୧୦ ଲକ୍ଷ ପରିବାର ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ପ୍ରଭାବୀ କାର୍ଯ୍ୟକ୍ରମ ମାଧ୍ୟମରେ କ୍ଷୁଧା ଦୂର କରିବୁ ।

୧୬. ଆମେ ପ୍ରତ୍ୟେକ ଅନ୍ତ୍ୟୋଦୟ ଘର ପାଇଁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ କରାଇବୁ ।

୧୭. ଆମେ ୨୦୨୫ ସୁଦ୍ଧା ସମସ୍ତ ଯୋଗ୍ୟ ହୀତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ୧୦୦ % ବୀମାଭୁକ୍ତ କରିବୁ ।

୧୮. ଆମେ 'ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା' ଆରମ୍ଭ କରିବୁ ଯାହା ଅଧୀନରେ ରାଜ୍ୟର ସମସ୍ତ ବୃଦ୍ଧି, ବିକଳାଙ୍ଗ, ବିଧବା, ଏବଂ ଦରିଦ୍ରମାନଙ୍କ ପାଇଁ ମାସକୁ ୨୦୦୦ ଟଙ୍କା ପେନସନ୍ ଯୋଗାଇବୁ । ଏହା ବ୍ୟତୀତ, ଆମେ ୮୦% ଅକ୍ଷମତା ଥିବା ୮୦ ବର୍ଷ ବୟସରୁ ଅଧିକ ଦିବ୍ୟାଙ୍ଗଜନଙ୍କ ପାଇଁ ମାସିକ ୨୫୦୦ ଟଙ୍କା ପେନ୍ସନ ପ୍ରଦାନ କରିବୁ ।

୧୯. ଆମେ ନିଶ୍ଚିତ କରିବୁ ଯେ ବସ୍ତି ବାସିନ୍ଦାଙ୍କୁ ୬୦୦ ବର୍ଗଫୁଟ୍ ଜମି/ଘର ଯୋଗାଇବୁ ଯଦ୍ୱାରା 'ସମସ୍ତଙ୍କ ପାଇଁ ଗୃହ' ସ୍ୱପ୍ନ ସାକାର ହେବ ।



# 10 ଉତ୍ତମ ଶାସନ



## ମୋଦୀ ସରକାରଙ୍କ ସଫଳତା

- **ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନଗୁଡିକ (RSETI)** ଅଧୀନରେ ଗ୍ରାମୀଣ ଯୁବକମାନଙ୍କୁ ତାଲିମ ଦେବା ପାଇଁ ମୋଦୀ ସରକାର ଓଡ଼ିଶାରେ **₹44 କୋଟି**ରୁ ଅଧିକ ଖର୍ଚ୍ଚ କରିଛନ୍ତି ।
- **ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା** ଅଧୀନରେ 2 କୋଟିରୁ ଅଧିକ ଲୋକ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨,000 କୋଟିରୁ ଅଧିକ ଲାଭବାନ ହେଇଛନ୍ତି ।
- **ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଅଧୀନରେ 1,3୨8 ଟି ଗ୍ରାମକୁ** ମୌଳିକ ଆବଶ୍ୟକତା ଯୋଗାଇ ଦିଆଯାଇଛି ।

## ବିଜେଡି ସରକାରର ଅପାରଗତା

- ଓଡ଼ିଶାର କୌଣସି ନଗର ପାଳିକା ସଂସ୍ଥା **ମ୍ୟୁନିସିପାଲିଟି ପ୍ରଦର୍ଶନ ସୂଚକାଙ୍କ (2020)** ରେ ପହଁଞ୍ଚି ପାରିନାହିଁ ।
- ଆୟୁଷ୍ମାନ ଭାରତର ସୁବିଧାକୁ ବନ୍ଦ କରି ରଖିଥିବା ବିଜେଡି ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ **ଗରିବଙ୍କ ଅର୍ଥ ଲୁଟିବାର** ଏକ ମାଧ୍ୟମ ସଜାଇଛନ୍ତି ।
- ଓଡ଼ିଶାର ରାଜ୍ୟ ସରକାରୀ ପରୀକ୍ଷାରେ **ମିଛ ପରୀକ୍ଷାର୍ଥୀଙ୍କ ଉପସ୍ଥିତି** ଏଥିରେ ମାତ୍ରାଧିକ ଦୁର୍ନୀତିକୁ ଦର୍ଶାଉଛି ।
- ପ୍ରକଳ୍ପ ଘୋଷଣା କରିବା, ଜନସାଧାରଣଙ୍କୁ ସମ୍ବୋଧନ କରିବା ଏବଂ ବିକାଶ କାର୍ଯ୍ୟର ତଦାରଖ କରିବାରେ ଜଣେ ଅମଲା **ଶ୍ରୀ ଭି.କେ ପାଣ୍ଡିଆନ**ଙ୍କ ହସ୍ତକ୍ଷେପ ରାଜ୍ୟରେ ଏକ କୁଶାସନର ପ୍ରକ୍ରିୟା ଆରମ୍ଭ କରିଛି ।

# ଆମର ସଂକଳ୍ପ

୧. ଆମେ ଓଡ଼ିଶା ପୋଲିସ ଫୋର୍ସର କଲ୍ୟାଣ ତଥା କାର୍ଯ୍ୟ ସ୍ଥିତିକୁ ବୃଦ୍ଧି କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଦେବା ପାଇଁ ଏକ କମିଟି ଗଠନ କରିବୁ ।

୨. ଆମେ ଉନ୍ନତ ପ୍ରଶାସନ ପାଇଁ ପ୍ରତ୍ୟେକ ଜିଲ୍ଲାରେ "ଦୃଷ୍ଟି" ନାମକ ୩୦ ଟି କମାଣ୍ଡର କଣ୍ଟ୍ରୋଲ ସେଣ୍ଟର ପ୍ରତିଷ୍ଠା କରିବୁ ।

**୩.ଆମେ ମହିଳାଙ୍କ ସୁରକ୍ଷାକୁ ଉନ୍ନତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ "ସହେଲି" ନାମକ ୩୦ ଗୋଲାପୀ ଥାନା ପ୍ରତିଷ୍ଠା କରିବୁ ।**

୪. ରାଜ୍ୟ ସରକାରଙ୍କ କୁପରିଚାଳନା ଯୋଗୁ ପୁରୀ ମନ୍ଦିରରେ ହିନ୍ଦୁ ଭକ୍ତଙ୍କ ପ୍ରତି ହେଉଥିବା ଅନ୍ୟାୟ ଆଚରଣକୁ ଆମ ସରକାର ଆସିବା ମାତ୍ରେ ବିଚାର କରିବା

- ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନ ଭଣ୍ଡାରର ନିଖୋଜ ଚାବିର ତଦନ୍ତକୁ ତ୍ୱରାନ୍ୱିତ କରିବୁ ।
- ରତ୍ନଭଣ୍ଡାରର ଅଡିଟ୍ ପ୍ରକ୍ରିୟାର ପୁନଃ ସ୍ଥାପନ କରିବୁ ଏବଂ ରିପୋର୍ଟ ପ୍ରକାଶ କରିବୁ ।
- ପୁରୀ ପରିକ୍ରମା ପ୍ରକଳ୍ପ ସମୟରେ ଭଙ୍ଗା ହୋଇଥିବା ମଠଗୁଡିକ ପାଇଁ ଯଥେଷ୍ଟ କ୍ଷତିପୂରଣ ଏବଂ ପୁନଃ ପ୍ରତିଷ୍ଠା କରିବୁ ।
- ଭକ୍ତମାନଙ୍କ ପାଇଁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ସମସ୍ତ ଚାରୋଟି ଦ୍ୱାର ଖୋଲିବୁ ।



୫. ଆମେ ବିଜେଡି ସରକାରଙ୍କ ବ୍ୟାପକ ଦୁର୍ନୀତି ଏବଂ ଦୁର୍ନୀତି ପ୍ରଥାକୁ ସମାପ୍ତ କରିବୁ:

- ଆମେ ଦୁର୍ନୀତି ବିରୋଧରେ "ଶୂନ୍ୟ ସହନଶୀଳତା" ନୀତି ଗ୍ରହଣ କରିବୁ । ଆମେ ସୁନିଶ୍ଚିତ କରିବୁ ଯେ ଓଡ଼ିଶାର ଉତ୍ପାଦିତ ସମସ୍ତ ରାଜସ୍ୱ ସିଧାସଳଖ ଓଡ଼ିଆମାନଙ୍କ ନିକଟକୁ ପହଞ୍ଚିବ ।
- ଆମେ ସମସ୍ତ ଛୋଟ ନିବେଶକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବୁ ଏବଂ ୧୮ ମାସ ମଧ୍ୟରେ ଚିଟ୍ ଫଣ୍ଡ ସ୍କାମ ଟଙ୍କା ଫେରସ୍ତ କରିବୁ ।
- ଆମେ ପ୍ରତିଶୃତି ଦେଉଛୁ ଯେ ଖଣିଜ ପଦାର୍ଥ ଏବଂ ଖଣିରୁ ଉତ୍ପାଦିତ ସମସ୍ତ ରାଜସ୍ୱ ଓଡ଼ିଶାର ଅଗ୍ରଗତି ପାଇଁ ଆଇନଗତ ଭାବରେ ବ୍ୟବହୃତ ହୁଏ ।

୬. ଆମେ ଉତ୍ତର ଓଡ଼ିଶାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଗଠନ କରିବାର ୧୦୦ ଦିନ ମଧ୍ୟରେ ମୟୁରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଓ ଭଦ୍ରକ ଜିଲ୍ଲାକୁ ନେଇ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରିବୁ ।

୭. ଆମେ କୋଟିଆ ସୀମା ବିବାଦ ସମସ୍ୟାର ସମାଧାନ ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରିବୁ ।

୮. ଆମେ ନାଗରିକତ୍ୱ ସଂଶୋଧନ ଅଧିନିୟମ ୨୦୧୯ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବୁ ।

୯. ଆମେ ଓଡ଼ିଶା ରାଇଟ୍ ଟୁ ପବ୍ଲିକ ସର୍ଭିସ ଆକ୍ଟ ୨୦୧୨ କୁ ପୁନଃ ସକ୍ରିୟ କରି ସମସ୍ତଙ୍କ ପାଇଁ ଉତରଦାୟିତ୍ୱ ଏବଂ ଉପଲବ୍ଧତାକୁ ପ୍ରାଧାନ୍ୟ ଦେଇ ଏକ ସମୟ ସୀମା ଓ ସୁଲଭ ସେବାଗୁଡିକୁ ଜନସାଧାରଣ ବିତରଣକୁ ନିଶ୍ଚିତ କରିବୁ ।

# ଆମର ସଂକଳ୍ପ

୧୦. ଆମେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ସୃଷ୍ଟି କରିବୁ ଏବଂ ଧାରା ୪୭ କୁ କଡାକଡି ଭାବରେ କାର୍ଯ୍ୟକାରୀ କରି ବିଷାକ୍ତ ପାନୀୟ ତଥା ଡ୍ରଗ୍ସକୁ ନିୟନ୍ତ୍ରଣ କରିବୁ ଏବଂ ସଚେତନା ଅଭିଯାନ ତଥା ନିଶା ନିବାରଣ କେନ୍ଦ୍ରଗୁଡିକ ଗଠନ କରି "ଉତ୍କୃଷ୍ଟ ଜୀବନ" ପଦକ୍ଷେପ ଆରମ୍ଭ କରିବୁ ।

୧୧. ଆମେ ପୂର୍ବ ସରକାରଙ୍କ ଦ୍ୱାରା ଜରୁରୀକାଳୀନ ଏବଂ କଣ୍ଟିଜେନ୍ସୀ ପାଣ୍ଠି ଅପବ୍ୟବହାର ବିଷୟରେ ଅନୁସନ୍ଧାନ କରିବୁ ।

୧୨. ଆମେ ବେଆଇନ ଖଣି ଖନନକାରୀଙ୍କ ବିରୋଧରେ ତଦନ୍ତ କରି ମାମଲା ରୁଜୁ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ।

୧୩. ଆମେ ରାଜ୍ୟରେ ଆଡଭୋକେଟ୍ ଏବଂ ଡାକ୍ତରଙ୍କ ସୁରକ୍ଷା ପାଇଁ ଆଡଭୋକେଟ୍ ଏବଂ ଡାକ୍ତର ସୁରକ୍ଷା ଆଇନ୍ ପ୍ରଣୟନ କରିବୁ ।

୧୪. ଆମେ ନିଶ୍ଚିତ କରିବୁ ଯେ ଜିଲ୍ଲା ଖଣିଜ ପାଣ୍ଠି (DMF) ଟ୍ରଉମା କାଉନ୍‌ସେଲିଂ, ଜୀବିକା ଅର୍ଜନ, ଶିକ୍ଷାର ଉନ୍ନତି, ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ଖଣି ପ୍ରଭାବିତ ଅଞ୍ଚଳର ଉନ୍ନତି ପାଇଁ ଖର୍ଚ୍ଚ କରିବୁ ।



# 11 ପରିବେଶ, ଜଙ୍ଗଲ ଏବଂ ପ୍ରାକୃତିକ ସମ୍ବଳ



## ମୋଦୀ ସରକାରଙ୍କ ସଫଳତା

- ଓଡ଼ିଶା ଜଙ୍ଗଲ ବିଭାଗକୁ ମୋଟ **₹347.27 କୋଟି** ଟଙ୍କା ପ୍ରଦାନ **କରାଯାଇଛି ଏବଂ ବାର୍ଷିକ ଯୋଜନା (APO)** ପାଇଁ **₹901.03 କୋଟି** ଟଙ୍କା ଅନୁମୋଦନ କରାଯାଇଛି ।
- **ଭାରତ ରାଜ୍ୟ ଜଙ୍ଗଲ ରିପୋର୍ଟ (ISFR) 2021** ଅନୁଯାୟୀ, 2019 ତୁଳନାରେ ଓଡ଼ିଶାର ଜଙ୍ଗଲ ଆବରଣ ମାତ୍ର **1.04% ବୃଦ୍ଧି** ପାଇଛି ।
- କେନ୍ଦ୍ର ସରକାର **2015-16 ରେ ଗ୍ରୀନ୍ ଇଣ୍ଡିଆ ମିଶନ୍** ଆରମ୍ଭ କରିଥିଲେ ଯାହା ଅନୁଯାୟୀ ଓଡିଶାରେ 71.31 ଲକ୍ଷ ଗଛ ଲଗାଯାଇଛି ।
- **ନଗର ବନ ଯୋଜନା** ଅଧୀନରେ ଆମ ସରକାର ଓଡ଼ିଶା ନିମନ୍ତେ **40ଟି ପ୍ରକଳ୍ପ ଅଧୀନରେ ₹20.34 କୋଟି** ପାଣ୍ଠି ଅନୁମୋଦନ କରିଛନ୍ତି ।
- ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (NCAP) ଅଧୀନରେ **MoEF&CC** ଓଡ଼ିଶାରେ **3ଟି ଆଞ୍ଚଳିକ କର୍ମଶାଳା ଏବଂ ବାୟୁ ଉପରେ ଏକ ଜାତୀୟ ସମ୍ମିଳନୀ ଆୟୋଜନ କରିଛି ।**

## ବିଜେଡି ସରକାରର ଅପାରଗତା

- ବିଜେଡି ସରକାରଙ୍କ ଅଧୀନରେ ଓଡ଼ିଶାରେ ରାସ୍ତା ପ୍ରଶସ୍ତିକରଣ କରିବା ନିମନ୍ତେ **185 ଲକ୍ଷ ଗଛ** କଟାଯାଇଛି ।
- ରାଜ୍ୟର ସବୁଜସୁନ୍ଦର ଜଙ୍ଗଲଗୁଡିକୁ **ଶିକାରୀ ଏବଂ କାଠ ମାଫିଆଙ୍କ** ହାତକୁ ଟେକି ଦିଆଯାଇଛି ।
- ଜନଜାତି ପ୍ରାଧାନ୍ୟ ଜିଲ୍ଲାମାନଙ୍କରେ, 2001 ରୁ 2019 ମଧ୍ୟରେ ବେପରୁଆ ଖଣି ଖନନ ପାଇଁ **1,600 ବର୍ଗ କିଲୋମିଟରରୁ** ଅଧିକ ଜଙ୍ଗଲ ନଷ୍ଟ କରିଦିଆଯାଇଛି ।
- ବ୍ୟାପକ ଖଣି ଖନନ ହେତୁ **କେନ୍ଦୁଝର ଜିଲ୍ଲାରେ 38 ବର୍ଷ** ମଧ୍ୟରେ **10,451.39 ହେକ୍ଟର** ଜଙ୍ଗଲ ଜମି ନଷ୍ଟ ହୋଇଛି - ଯାହାକି ଓଡ଼ିଶାରେ ସବୁଜ ଆବରଣର ସର୍ବାଧିକ କ୍ଷତି ।
- ବେଦାନ୍ତ ଲିମିଟେଡ୍ ଦ୍ୱାରା ପ୍ରସ୍ତାବିତ ସିଜିମାଲି ବକ୍ସାଇଟ୍ ଖଣି ଯୋଗୁଁ **ଓଡ଼ିଶାର କଳାହାଣ୍ଡି ଓ ରାୟଗଡ଼ା** ଜିଲ୍ଲାର ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ପରିବେଶ କ୍ଷୟ ଓ **ଜୀବିକା ହରାଇବାର ଆଶଙ୍କା** ସୃଷ୍ଟି ହୋଇଛି ।

# ଆମର ସଂକଳ୍ପ

୧. ଆମେ କେନ୍ଦ୍ର ସରକାରଙ୍କ ବିଭାଗ ଦ୍ୱାରା ବୃକ୍ଷ ରୋପଣ ସମେତ ପ୍ରତିବର୍ଷ **୨୦,୦୦୦ ହେକ୍ଟର ଜମିରେ** ବୃକ୍ଷରୋପଣ କରିବାକୁ ଲକ୍ଷ୍ୟ ରଖି ଏକ ବୃକ୍ଷରୋପଣ ଡ୍ରାଇଭ୍ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରତିଜ୍ଞା କରୁଛୁ ।


୨. ଆମେ ଚେକ୍ ଡ୍ୟାମ୍ ଆନିକଟ ଏବଂ ବ୍ୟାରେଜ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ଆଭ୍ୟନ୍ତରୀଣ **ଜଳପଥର ଉନ୍ନତି** କରଣ ଆଣିବା ଏବଂ ଡ୍ୟାମରୁ ପର୍ଯ୍ୟାୟକ୍ରମେ ଜଳ ନିଷ୍କାସନ ଏବଂ ଖୋଲିବା ଦ୍ୱାରା ବ୍ୟାପକ ଜଳ ସେଚନ ପରିଚାଳନା ପାଇଁ ଜଳ ସଂରକ୍ଷଣ ନୀତିକୁ ପ୍ରଚଳିତ କରାଇବୁ ।

୩. ଆମେ ସ୍ଥାୟୀ ସମାଧାନ ପାଇଁ ବର୍ଜ୍ୟବସ୍ତୁ ପରିଚାଳନା ପଦକ୍ଷେପକୁ କାର୍ଯ୍ୟକାରୀ କରି ଓଡ଼ିଶାର ପ୍ରତ୍ୟେକ ସହରାଞ୍ଚଳକୁ ପରିଷ୍କାର କରିବା ସହିତ **ସ୍ୱଚ୍ଛ ସୁନ୍ଦର ଓଡ଼ିଶା** ଯୋଜନା କାର୍ଯ୍ୟକାରୀ କରିବୁ ।

୪. ଆମେ ରାଜ୍ୟରେ ବେନିୟମ ଭାବରେ ହାତୀ ଶିକାର ବୃଦ୍ଧି ପାଉଥିବା ସମସ୍ୟାର ସମାଧାନ ପାଇଁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଉଛୁ ।

୫. ଆମେ ଏକ **ବିସ୍ତୃତ ବନ୍ୟା ନିୟନ୍ତ୍ରଣ ଏବଂ ପରିଚାଳନା ନୀତି** ଗଠନ କରିବୁ ଯେଉଁଥରେ ଆମେ:

- ଆମେ ବୈତରଣୀ ନଦୀର ସିଫ୍ଟିଂ କୋର୍ସ ପରିଚାଳନା ପାଇଁ ବ୍ୟାରେଜ୍ ନିର୍ମାଣ ଏବଂ ଚେକଡ୍ୟାମ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବୁ ।
- ଆମେ ସମ୍ବଲପୁର, ସୁନ୍ଦରଗଡ଼, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କଟକ, ଯାଜପୁର , କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଖୋର୍ଦ୍ଧା ଏବଂ ଜଗତସିଂହପୁର ଆଦି ବନ୍ୟାପ୍ରବଣ ଜିଲ୍ଲାଗୁଡିକରେ ସାମଗ୍ରିକ ଭାବେ ବନ୍ୟା ନିୟନ୍ତ୍ରଣ ଓ ପରିଚାଳନା ଟିମ୍ ଗଠନ କରିବୁ ।



୬. ବଣୁଆ ହାତୀ ଦ୍ୱାରା ହୋଇଥିବା ଘରର କ୍ଷତି ପାଇଁ ଆମେ **ଶୂନ-ପ୍ରିମିୟମ ୧୦୦ % କଭରେଜ** ବୀମା ପ୍ରଦାନ କରିବୁ ଏବଂ ମାନବ-ହାତୀ ବିବାଦ ହେତୁ ମୃତ୍ୟୁ ପରେ ଏହାକୁ ୬,୦୦,୦୦୦ ରୁ ୧୦,୦୦,୦୦୦ ପର୍ଯ୍ୟନ୍ତ ବୃଦ୍ଧି କରିବୁ ।

୭. ଆମେ ଜଳବାୟୁ ପରିବର୍ତ୍ତନର ଦୀର୍ଘକାଳୀନ ସମାଧାନ ପାଇଁ **ରାଜ୍ୟ ଜଳବାୟୁ ନ୍ୟାୟିକ ମାଷ୍ଟର ପ୍ଲାନ୍** ପ୍ରସ୍ତାବ କରିବୁ ଯାହା ଅଧୀନରେ :

- ଆମେ ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତିର ଉତ୍ପାଦନ ପାଇଁ ପ୍ରସ୍ତାବିତ କ୍ଷମତାକୁ ୫୦୦୦ ମେଗାୱାଟ୍ ବୃଦ୍ଧି କରିବୁ ।
- ଆମେ ୨୦୨୭ ସୁଦ୍ଧା ଅକ୍ଷୟ ଶକ୍ତିର ଉତ୍ପାଦନର ଅଂଶକୁ ମୋଟ୍ ବିଦ୍ୟୁତ୍ ଉତ୍ପାଦନର ୨୫%କୁ ବୃଦ୍ଧି କରିବୁ ।

୮. ଆମେ ୨୦୨୭ ସୁଦ୍ଧା **ମହାନଦୀକୁ ପୁନରୁଦ୍ଧାର** କରିବୁ । ଏଥିପାଇଁ ନିମ୍ନୋକ୍ତ କାର୍ଯ୍ୟକ୍ରମ ଗ୍ରହଣ କରିବୁ:

- ସ୍ୱୟଂଚାଳିତ ସଫେଇ ଉପକରଣ ରୋବଟ ନିୟୋଜନ କରି ସଫେଇ କରିବୁ ।
- ନଦୀର ଆଭ୍ୟନ୍ତରୀଣ ଜଳ ପରିବହନର ବିକାଶ ପାଇଁ କାର୍ଯ୍ୟ କରିବୁ ।
- ବନ୍ୟା ନିୟନ୍ତ୍ରଣ ପରିଚାଳନା ପାଇଁ ନଦୀର ମୋଡକୁ ବିଶ୍ଳେଷଣାତ୍ମକ ପ୍ରତିକାର କରିବୁ ।

୯. ଆମେ ୭ଟି ସହରରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପଗୁଡିକର ପ୍ରଭାବଶାଳୀ ଓ ସମନ୍ୱିତ କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ସବୁଜ ଓଡ଼ିଶା ଆପ୍ ଆରମ୍ଭ କରିବୁ ।

୧୦. ଆମେ **୪୮୦ କିଲୋମିଟର** ବ୍ୟାପୀ ଉପକୂଳରେ ଜଳବାୟୁକୁ ନିୟନ୍ତ୍ରଣରେ ଆଣିବା ପାଇଁ ଉପକୂଳ ଜଙ୍ଗଲ ସୃଷ୍ଟି କରିବୁ । ଅଧିକନ୍ତୁ ୨୦୨୮ ସୁଦ୍ଧା ବାତ୍ୟା ପ୍ରଭାବିତ ଉପକୂଳରେ ବହୁ ଜଙ୍ଗଲ କରି ୨୫ ବର୍ଗ କିଲୋମିଟର ପର୍ଯ୍ୟନ୍ତ ପ୍ରାକୃତିକ ସୁରକ୍ଷାକୁ ବୃଦ୍ଧି କରିବୁ ।

୧୧. ଆମେ **ସମ୍ପ୍ରତି ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟକୁ** ସୁଦୃଢ କରି-

- ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳର ସଂଖ୍ୟା ୧୪ ରୁ ୨୪ କୁ ବୃଦ୍ଧି କରିବୁ ।
- ଆମେ MCS ପରିଚାଳନା ଓ ରକ୍ଷଣାବେକ୍ଷଣର ଦକ୍ଷତା ସୁଦୃଢ କରିବୁ ।

୧୨. ଆମେ କଳକାରଖାନାର କାର୍ବନ ନିର୍ଗମନର ହାରକୁ କମାଇ ଶୂନ କରିବା ପାଇଁ କଳକାରଖାନାଗୁଡିକୁ ପ୍ରୋତ୍ସାହିତ କରିବୁ । ଏଥିପାଇଁ ସବୁଜ କଳକାରଖାନା ନୀତି ବା 'ଗ୍ରୀନ୍ ଇଣ୍ଡଷ୍ଟ୍ରିଆଲ ପଲିସି' ଗ୍ରହଣ କରିବୁ ଏବଂ ଭାରତ ସରକାରଙ୍କ ସହଯୋଗରେ ସବୁଜ ଜୀବିକା ଏବଂ ସବୁଜ ବାଣିଜ୍ୟ କାର୍ଯ୍ୟକ୍ରମ ହାତକୁ ନେବୁ ।

୧୩. ଆମେ ଚିଲିକା ହ୍ରଦର ପୁର୍ନବିକାଶ ଏବଂ ସଂରକ୍ଷଣ ପାଇଁ **୧,୦୦୦ କୋଟି** ଟଙ୍କାର ପାଣ୍ଠିର ବ୍ୟବସ୍ଥା କରିବୁ ।

୧୪. ଆମେ **'ଗ୍ରୀନ୍ ପରିବହନ ନୀତି'** ଗ୍ରହଣ କରି ବିଦ୍ୟୁତ୍ ଚାଳିତ ଯାନବାହନର ବ୍ୟବହାରକୁ ଉତ୍ସାହିତ କରିବୁ, ଯାହା ଅନୁକୂଳରେ ଆମେ:

- ସମସ୍ତ ନୂତନ ୪ ଚକିଆ ଯାନ କିଣିବା ପାଇଁ ଆମେ ଦେଢ ଲକ୍ଷ ଟଙ୍କା ସବ୍‌ସିଡି ପ୍ରଦାନ କରିବୁ ।
- ବ୍ୟବସାୟିକ ଭାବେ ପରିବହନ ପାଇଁ ଯାନ କିଣିବା ପାଇଁ ୨ ଲକ୍ଷ ଟଙ୍କା ସବ୍ ସିଡି ପ୍ରଦାନ କରିବୁ ।
- ୬ ଚକିଆ ବୈଦ୍ୟୁତିକ ଯାନ ବାହନ ଏବଂ ସାଧାରଣ ପରିବହନ ପାଇଁ ବୈଦ୍ୟୁତିକ ଯାନ କିଣିବା ଉପରେ ୫ ଲକ୍ଷ ଟଙ୍କା ସବସିଡି ଦେବୁ ।
- ଆମେ ଆବଶ୍ୟକୀୟ ଚାର୍ଜ ଷ୍ଟେସନ ଏବଂ ଭିତ୍ତିଭୂମି ବ୍ୟାପକ କରିବୁ ।



# ଭିତ୍ତିଭୂମି



## ମୋଦୀ ସରକାରଙ୍କ ସଫଳତା

- ମୋଦୀ ସରକାର ଓଡ଼ିଶାରେ **₹ 400 କୋଟି** ବ୍ୟୟରେ ସ୍ଥାୟୀ **IIM ସମ୍ବଲପୁର କ୍ୟାମ୍ପସର** ଉଦଘାଟନ କରିଛନ୍ତି।
- ପ୍ରଧାନମନ୍ତ୍ରୀ **ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ** ଉନ୍ମୋଚନ କରିଛନ୍ତି ଏବଂ ଝାରସୁଗୁଡା ମୁଖ୍ୟ ଡାକ କାର୍ଯ୍ୟାଳୟର ଐତିହ୍ୟ ଭବନକୁ ଦେଶ ପାଇଁ ଉତ୍ସର୍ଗ କରିଛନ୍ତି।
- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପ୍ରାୟ **₹2,450 କୋଟି** ଟଙ୍କା ବ୍ୟୟରେ ନିର୍ମିତ **'ପ୍ରଧାନମନ୍ତ୍ରୀ ଊର୍ଜା ଗଙ୍ଗା'** ପଦକ୍ଷେପର ଏକ ଅଂଶ ଭାବରେ 412 ପାଇପଲାଇନ ବିଭାଗର ଉଦଘାଟନ କରିଛନ୍ତି।
- ମୋଦୀ ସରକାର ନବନିର୍ମିତ **ସୋନପୁର ରେଳ ଷ୍ଟେସନର** ଉଦଘାଟନ ମଧ କରି ଏହାକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି।
- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକୁ ତେଲ, ଗ୍ୟାସ, ରେଳ, ସଡକ, ପରିବହନ ଏବଂ ପରମାଣୁ ଶକ୍ତି ପ୍ରକଳ୍ପ ପାଇଁ **₹19,600 କୋଟି** ଟଙ୍କା ଆବଣ୍ଟନ କରିଛନ୍ତି।

## ବିଜେଡି ସରକାରର ଅପାରଗତା

- ଓଡ଼ିଶାର ସରକାରୀ ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକରେ **ଭିତ୍ତିଭୂମି ଅଭାବ ଏବଂ ନିର୍ମାଣ ପ୍ରକଳ୍ପର ବିଳମ୍ବ** ଯୋଗୁଁ ରାଜ୍ୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ଗୁଣବତ୍ତା ହ୍ରାସ ପାଇଛି।
- 'ମୋ ଘର' ଯୋଜନା ଅଧୀନରେ 4 ଲକ୍ଷ ଘର ନିର୍ମାଣ ପାଇଁ **₹2,150 କୋଟି** ଟଙ୍କା ଆବଣ୍ଟନ ସତ୍ତ୍ୱେ କେବଳ **4,666 ହିତାଧିକାରୀ** ଏହି ଯୋଜନାରେ ବ୍ୟାଙ୍କ ଅନୁମୋଦନ ଲାଭ କରିଛନ୍ତି, ଯାହା ରାଜ୍ୟ ସରକାରଙ୍କ ଅପାରଗତାକୁ ପ୍ରତିଫଳିତ କରୁଛି।
- **ଆମ ଓଡ଼ିଶା, ନବିନ ଓଡ଼ିଶା** ଯୋଜନାର କାର୍ଯ୍ୟକାରିତା ବିରୋଧରେ ଏକ ଆବେଦନ ପରେ ମାନ୍ୟବର ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଏକ ନୋଟିସ ପ୍ରଦାନ କରିଛନ୍ତି।
- 2019 ରେ ଓଡ଼ିଶାର ମାତ୍ର **3.5% ପରିବାର** ଟ୍ୟାପ୍ ଜଳ ପାଇପାରୁଥିଲେ।

# ଆମର ସଂକଳ୍ପ

୧. ଆମେ ସମସ୍ତ ଗ୍ରାମ ପଞ୍ଚାୟତ **ଜିଲ୍ଲା ମୁଖ୍ୟାଳୟ** ଏବଂ ରାଜ୍ୟ ରାଜଧାନୀକୁ ସଂଯୋଗ କରୁଥିବା **୭୫,୦୦୦ କିଲୋମିଟର** ଗ୍ରାମୀଣ ତଥା ରାଜ୍ୟ ରାଜପଥ ନିର୍ମାଣ କରି ଓଡ଼ିଶା ସାରା ବିଶ୍ୱସ୍ତରୀୟ ସଡକ ସଂଯୋଗକୁ ସୁନିଶ୍ଚିତ କରିବୁ ।

୨. ଆମେ **୨୪x ୭ ବିଦ୍ୟୁତ୍ ଯୋଗାଣ** କରି ସ୍ମାର୍ଟ ମିଟର ଜରିଆରେ ଭୁଲ ବିଦ୍ୟୁତ୍ ବିଲ୍‌ରୁ ଲୋକଙ୍କୁ ମୁକ୍ତି ଦେବୁ ।

୩. ଆମେ ସମଗ୍ର ରାଜ୍ୟରେ ଯେତେ କାଠ ପୋଲ ଅଛି ସବୁକୁ ହଟାଇ **କଂକ୍ରିଟ୍ ପୋଲ** ନିର୍ମାଣ କରିବା ।ଏହା ବ୍ୟତୀତ **ସେତୁ ବନ୍ଧନ ଯୋଜନା** ଅଧୀନରେ ରାଜ୍ୟବ୍ୟାପୀ **୫୦୦ ଟି କଂକ୍ରିଟ୍** ପୋଲ ନିର୍ମାଣ କରିବୁ ।

୪. ଆମେ ଓଡ଼ିଶାର ସବୁ କ୍ଷେତ୍ରରେ ବନ୍ୟାଜଳ ନିୟନ୍ତ୍ରଣ କରି ଡ୍ରେନେଜ ପରିଚାଳନାକୁ ସୁବ୍ୟବସ୍ଥିତ କରି ଜଳ ଜମୁଥିବା ଜାଗାକୁ ଅପରିଷ୍କାର ଜଳମୁକ୍ତ କରାଇବୁ ।

୫. ଆମେ **ସ୍ୱଚ୍ଛଭାରତ ମିଶନ୍‌ରେ ଓଡ଼ିଶାକୁ** ୨୦୨୬ ସୁଦ୍ଧା ସମଗ୍ର ଓଡ଼ିଶାକୁ ଖୋଲାସ୍ଥାନରେ ମଳମୂତ୍ର ତ୍ୟାଗକୁ ବନ୍ଦ କରାଇ ଓଡ଼ିଶାକୁ ଭାରତବର୍ଷରେ ଏକ ଶ୍ରେଷ୍ଠ ସ୍ଥାନ ଦେବୁ ।



13

# ଆମ ଓଡ଼ିଶା, ଆମ ଅସ୍ମିତା, ଆମ ପରିଚୟ



## ମୋଦୀ ସରକାରଙ୍କ ସଫଳତା

- **ପ୍ରସାଦ ଯୋଜନା** ଅଧୀନରେ, ମୋଦୀ ସରକାର ବିଭିନ୍ନ ପ୍ରକଳ୍ପ ପାଇଁ **₹10 କୋଟି** ଟଙ୍କା ଆବଣ୍ଟିତ କରିଛନ୍ତି।
- **ସ୍ୱଦେଶ ଦର୍ଶନ** ଯୋଜନା ଅଧୀନରେ ମୋଦୀ ସରକାର ଓଡ଼ିଶାକୁ **₹70.82 କୋଟି** ଟଙ୍କା ମଞ୍ଜୁର କରିଛନ୍ତି ଏବଂ ଏଥିପାଇଁ **₹59.93 କୋଟି** ଟଙ୍କା ଖର୍ଚ୍ଚ କରାଯାଇଛି।
- ଆମ ସରକାରଙ୍କ ଉଦ୍ୟମ ଯୋଗୁଁ ସୁପ୍ରିମକୋର୍ଟଙ୍କୁ କୋଭିଡ ମହାମାରୀ ସମୟରେ **ରଥ ଯାତ୍ରା ବନ୍ଦ** କରିବାର ନିଷ୍ପତ୍ତିକୁ ପୁନଃ ସମୀକ୍ଷା କରିବାକୁ ବାଧ କରିଛି।

## ବିଜେଡି ସରକାରର ଅପାରଗତା

- **ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ** ନିର୍ମାଣ ପାଇଁ ପୁରୀ ଜଗନ୍ନାଥ ମନ୍ଦିର ଚାରି ଆଡେ ଶତାବ୍ଦୀ ପୁରୁଣା ମଠ ଏବଂ ମନ୍ଦିର ଭାଙ୍ଗିବା ଘଟଣା ବିଜେଡି ସରକାରର **ଜଗନ୍ନାଥ ସଂସ୍କୃତି** ପ୍ରତି ଅସମ୍ମାନକୁ ଦର୍ଶାଉଛି।
- ବିଜେଡି ଶାସନରେ ଭୁବନେଶ୍ୱରର ରାଜ୍ୟ ସଂଗ୍ରହାଳୟରୁ **20,000 ବିରଳ ପାଣ୍ଡୁଲିପି ଏବଂ 50,000 କଳାକୃତି ନିଖୋଜ** ହୋଇଯାଇଛି।
- ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ ବଞ୍ଚାଇ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ମିଛ ଧରାପଡ଼ିଯାଇଥିଲା ଯେତେବେଳେ **ପାଟଣାଗଡ଼ରେ ଏକ ମନ୍ଦିରକୁ ଭଙ୍ଗା ଯାଇ ବିଜୁ ପଟ୍ଟନାୟକଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା।**
- ଶ୍ରୀମନ୍ଦିରରୁ ମାତ୍ର 300 ମିଟର ଦୂରରେ ଅବସ୍ଥିତ ବଗଲା ଧର୍ମଶାଳା, ଯାହା ତୀର୍ଥଯାତ୍ରୀ ଶତାବ୍ଦୀ ଶତାବ୍ଦୀ ଧରି ଶସ୍ତା ମୂଲ୍ୟରେ ରହିବାର ସୁବିଧା ପ୍ରଦାନ କରୁଥିଲା, ତାକୁ ବିକ୍ରି କରିବା ପାଇଁ ଚେଷ୍ଟା କରାଯାଇଥିଲା।
- ପ୍ରତିବର୍ଷ **ବାଲି ଯାତ୍ରାରେ ହେଉଥିବା ଅନିୟମିତତା** ଏବଂ ରାଜ୍ୟ ସରକାରଙ୍କ ଏଥିପ୍ରତି ଦୃଷ୍ଟି ନ ଦେବା ବିଜେଡିର ଅପାରଗତାକୁ ସ୍ପଷ୍ଟ ଦର୍ଶାଉଛି।

# ଆମର ସଂକଳ୍ପ

**୧.** ଆମେ ଜନଜାତି କଳା, ସଂସ୍କୃତି ଏବଂ ଭାଷାର ସଂରକ୍ଷଣ କରି ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରି ଲୋକଭାମୁଖୀ କରିବା ପାଇଁ **ଓଡ଼ିଶା ଜନଜାତି ସ୍ୱାଭିମାନ ବିଶ୍ୱବିଦ୍ୟାଳୟ** ପ୍ରତିଷ୍ଠା କରିବୁ ।

**୨.** ଆମେ **ବାଲିଯାତ୍ରାକୁ ୟୁନେସ୍କୋର** ଆନ୍ତର୍ଜାତୀୟ ଐତିହ୍ୟ ମାନ୍ୟତା ପାଇବାରେ ସହାୟକ ହେବୁ ।

**୩.** ଆମେ ପ୍ରତ୍ୟେକ ଭାରତୀୟ କିପରି ମହାପ୍ରଭୁ ଜଗନ୍ନାଥଙ୍କ ଶୁଖିଲା ମହାପ୍ରସାଦ ପାଇପାରିବେ ସେଥିପାଇଁ ପ୍ରତ୍ୟେକ ଜିଲ୍ଲାରେ **ମହାପ୍ରସାଦ ବିତରଣ କେନ୍ଦ୍ରମାନ** ଖୋଲିବୁ ।

**୪.** ଆମେ ୨୦୨୬ ସୁଦ୍ଧା **ବକ୍ସି ଜଗବନ୍ଧୁ ପାଇକ ମିତ୍ର ମେମୋରିଆଲ୍** ଏବଂ ପ୍ରତିମୂର୍ତ୍ତିକୁ ସମ୍ପୂର୍ଣ କରିବାକୁ ପ୍ରତିଶୃତି ଦେଉଛୁ ।

**୫.** ଆମେ ନିମ୍ନଲିଖିତ ସଂଯୋଗ ମାଧ୍ୟମରେ ତୀର୍ଥଯାତ୍ରୀଙ୍କ ପାଇଁ ପୁନଃନିର୍ମାଣ ଏବଂ ମନ୍ଦିର ପରିଚାଳନା ପାଇଁ **ଦେବାଳୟ** ପ୍ରକଳ୍ପ (ପ୍ରୋଜେକ୍ଟ ଦେବାଳୟ) ଆରମ୍ଭ କରିବୁ ।

- ଓଡ଼ିଶାର ସମସ୍ତ ୧୨ଟି ଶକ୍ତିପୀଠ
- ଓଡ଼ିଶାର ସମସ୍ତ ୬ ଟି ଶୈବପୀଠ
- ସମଗ୍ର ଓଡ଼ିଶାର ପ୍ରସିଦ୍ଧ ତଥା ଚିହ୍ନିତ ଜଗନ୍ନାଥ ମନ୍ଦିରଗୁଡ଼ିକୁ କାର୍ଯ୍ୟକାରୀ କରିବୁ ।

**୬.** ଆମେ **ନୟାଗଡ଼ ଓଡ଼ଗାଁ ରଘୁନାଥ ମନ୍ଦିରର** ବିକାଶ ଏବଂ ସୌନ୍ଦର୍ଯ୍ୟକରଣ କରି ଏହାର ସାଂସ୍କୃତିକ ଏବଂ ଆଧାତ୍ମିକ ମହତ୍ୱକୁ ପୁନଃସ୍ଥାପନ କରିବୁ ।

**୭.** ଆମେ ନିମ୍ନଲିଖିତ ପଦକ୍ଷେପ ମାଧ୍ୟମରେ **ଓଡ଼ିଆ ଅସ୍ମିତାକୁ** ଫେରାଇ ଆଣିବୁ :

- ଆମେ ଚିତ୍ରା ଏ.ଆଇ. (କୃତ୍ରିମ ବୁଦ୍ଧିମତା) ବ୍ୟବସ୍ଥା କରି ଓଡ଼ିଶା ଭାଷାକୁ ଭାରତର ୨୨ଟି ପ୍ରମୁଖ ଭାଷାରେ ଅନୁବାଦ କରି ସାଂସ୍କୃତିକ ବୁଝାମଣାକୁ ବ୍ୟାପକ କରିବୁ ଏବଂ ଭାଷାଭିତ୍ତିକ ପ୍ରତିବନ୍ଧକୁ ଦୂର କରିବୁ ।
- ଆମେ ସମସ୍ତେ ନ୍ୟାୟିକ ଏବଂ ସରକାରୀ ଦଲିଲ ତଥା ସରକାରୀ କାର୍ଯ୍ୟ ପାଇଁ ଓଡ଼ିଆ ଭାଷାର ବ୍ୟବହାରକୁ ବାଧ୍ୟତାମୂଳକ କରି ଓଡ଼ିଶାର ନାଗରିକମାନଙ୍କ ପାଇଁ ଅଧିକ ସହଜ ସରଳ ବୋଧଗମ୍ୟକୁ ସୁନିଶ୍ଚିତ କରିବୁ ।
- ଆମେ ସବୁ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଏବଂ ଜାତୀୟ ଗୁରୁତ୍ୱପୂର୍ଣ ପ୍ରତିଷ୍ଠାନ ସହିତ ସହଯୋଗ କରି ସେମାନଙ୍କ ଅନୁଷ୍ଠାନରେ ଓଡ଼ିଆ ଚେୟାର ବିଭାଗ ପ୍ରତିଷ୍ଠା କରିବୁ ।
- ଉନ୍ନତ ପ୍ରଶିକ୍ଷଣ ନେବାକୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ ସଂଗୀତଜ୍ଞ ମାନଙ୍କୁ ଆମେ ଆର୍ଥିକ ସହାୟତା ଏବଂ ବୃତ୍ତି ପ୍ରଦାନ କରିବୁ ।

**୮.** ଆମେ **ସ୍ୱୀକୃତିପ୍ରାପ୍ତ ମଠମାନଙ୍କୁ** ଜମି ଆବଣ୍ଟନ କରିବୁ ଏବଂ ପୁରୁଣା ଅବକ୍ଷୟ ବା ନଷ୍ଟ ହେଉଥିବା ମଠ ପୂର୍ବଗୌରବକୁ ପୁନରୁଦ୍ଧାର କରିବା ପାଇଁ ଏକକାଳୀନ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବୁ ।

**୯.** ଆମେ **କଳାକାର ଗୌରବନିଧି** ବ୍ୟବସ୍ଥା କରି :

- କଳା, ସଂସ୍କୃତି ତଥା କଳାକାରମାନଙ୍କ ଉନ୍ନତି ପାଇଁ ଆମେ କଳାକାର ପ୍ରଶିକ୍ଷଣ ଗ୍ରାମ ସୃଷ୍ଟିକରି ସେମାନଙ୍କ ଉନ୍ନତି କରିବୁ ଏବଂ କାରିଗରମାନଙ୍କୁ ପ୍ରୋତ୍ସାହିତ କରିବୁ ।
- ସେମାନଙ୍କୁ ୫ ହଜାର ଟଙ୍କାର ସହଯୋଗ ରାଶି ପ୍ରଦାନ କରିବୁ ।

**୧୦.** ଆମେ ନିମ୍ନଲିଖିତ ସ୍ଥାନରେ ନିମ୍ନଲିଖିତ **ପ୍ରତିମୂର୍ତ୍ତି ସ୍ଥାପନ** କରିବୁ :

- କଟକରେ ସୁବାଷଚନ୍ଦ୍ର ବୋଷ
- ସମ୍ବଲପୁରରେ ବୀରସୁରେନ୍ଦ୍ର ସାଏ
- ବରଗଡ଼ରେ ଗଙ୍ଗାଧର ମେହେର
- କଟକରେ ମଧୁସୂଦନ ଦାସ
- ବାଲେଶ୍ୱରରେ ଫକୀର ମୋହନ ସେନାପତି

14

# ପର୍ଯ୍ୟଟନ



## ମୋଦୀ ସରକାରଙ୍କ ସଫଳତା

- ମୋଦୀ ସରକାର ଓଡ଼ିଶାର **3 ଟି ଆର୍ଦ୍ରଭୂମିକୁ ରାମସର ସାଇଟ** ଭାବରେ ଚିହ୍ନଟ କରିଛନ୍ତି ।
- ଓଡ଼ିଶାର **21 ରେଳ ଷ୍ଟେସନ ₹ 900 କୋଟିରେ** ପୁନ ନିର୍ମାଣ କରାଯାଉଛି |
- **ସେବା ପ୍ରଦାନକାରୀଙ୍କ ପାଇଁ ଦକ୍ଷତା ବିଲଡିଂ (CBSP)** ଅଧୀନରେ **₹75,445.40 କୋଟି** ଟଙ୍କା **ଓଡ଼ିଶାର ହେରିଟେଜ୍ ଚାରିଟେବୁଲ୍ ଟ୍ରଷ୍ଟକୁ** ଦିଆଯାଇଥିଲା ।

## ବିଜେଡି ସରକାରର ଅପାରଗତା

- ପର୍ଯ୍ୟଟନ କ୍ଷେତ୍ରରେ 37 ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ **ଓଡ଼ିଶା 21 ତମ ସ୍ଥାନରେ** ରହିଛି । 2022 ରେ ମାତ୍ର **7.89 କୋଟି ପର୍ଯ୍ୟଟକ** ରାଜ୍ୟ ପରିଭ୍ରମଣ କରିଛନ୍ତି ।
- ରାଜ୍ୟ ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦେବା ଫଳରେ **ବିକାଶ ବାଧାପ୍ରାପ୍ତ ହୋଇଛି** ଯାହାଫଳରେ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳମାନଙ୍କୁ ଯୋଗାଯୋଗ ଆଜି ଯାଏଁ ବାଧାପ୍ରାପ୍ତ ହୋଇଛି ।
- 2020-21 ରେ ଓଡ଼ିଶାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା **77% ହ୍ରାସ** ପାଇଛି ।

# ଆମର ସଂକଳ୍ପ

୧. ଆମେ ଓଡ଼ିଶାକୁ **ତୃତୀୟ ସର୍ବବୃହତ୍** ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବୁ, ଯାହା ପର୍ଯ୍ୟଟନ ଅର୍ଥବ୍ୟବସ୍ଥା ବିକାଶ ତଥା ନିଯୁକ୍ତି ସୃଷ୍ଟି କରିବ।

୨. ଆମେ ରାଜ୍ୟର ଯୁବକମାନଙ୍କ ପାଇଁ ଦଶଟି **'କୌଶଳ ଭବନ'** ଖୋଲି ତାହା ମାଧ୍ୟମରେ ଯୁବକମାନଙ୍କୁ ଆତିଥ୍ୟ ତାଲିମ୍ ଦେବୁ।

୩. ଆମେ ଗ୍ରାମାଞ୍ଚଳରେ **'ଇକୋଟୁରିଷ୍ଟ ହବ୍'** ଏବଂ **'ହୋମ୍‌ଷ୍ଟେ'** ମାଧ୍ୟମରେ ସ୍ଥାନୀୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରି ଓଡ଼ିଶାର ସ୍ଥାନୀୟ ଜନଜାତି ସମ୍ପ୍ରଦାୟକୁ ସଶକ୍ତ କରିବୁ।

୪. ଆମେ ରଘୁରାଜପୁର କଳାଗ୍ରାମ ଏବଂ ଓଡ଼ିଶୀ କଳାକେନ୍ଦ୍ରଗୁଡ଼ିକୁ ଯୋଡୁଥିବା **ଏକ କଳା ଏବଂ ସାଂସ୍କୃତିକ ସର୍କିଟ୍** ସୃଷ୍ଟି କରିବୁ ଯାହାଦ୍ୱାରା କଳା ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବ।

୫. ଆମେ ବନ୍ୟଜନ୍ତୁ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବାଲାଗି ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟକୁ ସଂଯୋଗ କରି ଏକ **ବନ୍ୟଜନ୍ତୁ ପର୍ଯ୍ୟଟନ ସର୍କିଟ୍** ସୃଷ୍ଟି କରିବୁ।

୬. ଆମେ ସମସ୍ତ ବେଳାଭୂମିକୁ ସଂଯୋଗ କରି ଏବଂ ସେମାନଙ୍କୁ ଆତିଥ୍ୟ ସମ୍ବଳ ସହିତ ସଜ୍ଜିତ କରି - ଏକ **ଉପକୂଳ ସର୍କିଟ୍** ସୃଷ୍ଟି କରିବୁ, ଯାହାଦ୍ୱାରା ବେଳାଭୂମି, ପର୍ଯ୍ୟଟନ ସ୍ଥଳକୁ ପ୍ରୋତ୍ସାହନ ମିଳିବ।

୭. ଆମେ ଓଡ଼ିଶାରେ ବ୍ୟବସାୟ ଏବଂ ନିଯୁକ୍ତି ସୃଷ୍ଟି ପାଇଁ ପର୍ଯ୍ୟଟନ କ୍ଷେତ୍ରକୁ **ଶିଳ୍ପର ମାନ୍ୟତା** ଦେବୁ।





# 15 ସହରାଞ୍ଚଳ ବିକାଶ



## ମୋଦୀ ସରକାରଙ୍କ ସଫଳତା

- **ପ୍ରଧାନମନ୍ତ୍ରୀ ଆବାସ ଯୋଜନା** - ସହରୀ (PMAY-U) ଅଧୀନରେ **2.03 ଲକ୍ଷ ଘରକୁ ₹17 3,176.98 କୋଟି** ଟଙ୍କା ମଞ୍ଜୁର କରାଯାଇଛି।
- **ଅମୃତ ଯୋଜନା** ଅନୁଯାୟୀ, **₹785.23 କୋଟି** ଟଙ୍କା ବ୍ୟୟରେ **189 ଟି ପ୍ରକଳ୍ପ** ସମ୍ପୂର୍ଣ୍ଣ କରାଯାଇଛି।
- **ଜାତୀୟ ସ୍ମାର୍ଟ ସିଟି ମିଶନ୍ ଅଧୀନରେ**, ଫେବୃଆରୀ 2024 ସୁଦ୍ଧା, **₹3,177 କୋଟି** ଟଙ୍କା ବ୍ୟୟରେ **89 ଟି ପ୍ରକଳ୍ପ** ଶେଷ କରାଯାଇଛି।

## ବିଜେଡି ସରକାରର ଅପାରଗତା

- ଆବର୍ଜନା ସଂଗ୍ରହରେ ରାଜ୍ୟ ସରକାର ଦୈନିକ 514 ମିଲିଅନ ଲିଟର ପ୍ରତି ଦିନ (MLD) ଏବଂ ଆବର୍ଜନା ପ୍ରକ୍ରିୟାକରଣରେ 37 ଲକ୍ଷ ମେଟ୍ରିକ ଟନ (MT) ପଛରେ ରହୁଛନ୍ତି।
- ବିଜେଡି ସରକାର 20 ଟି ବସ୍ତିକୁ **ବିଜୁ ଆଦର୍ଶ କଲୋନୀ** ଭାବେ ଚିହ୍ନଟ କରିଥିଲେ ମଧ ଆରମ୍ଭ ହେବାର ତିନି ବର୍ଷ ପରେ ମଧ ଏଠାକାର ହିତାଧିକାରୀମାନେ ଏପର୍ଯ୍ୟନ୍ତ କୌଣସି ଲାଭ ପାଇନାହାନ୍ତି।
- ଓଡ଼ିଶାର ପ୍ରମୁଖ ସହରଗୁଡିକରେ ରାସ୍ତା, ଘର, ଶ୍ମଶାନ, ମନ୍ଦିର ଏବଂ ଶିକ୍ଷାନୁଷ୍ଠାନ ପରି ସହରୀ ଭିତ୍ତିଭୂମି ମଧ ପ୍ରବଳ ବର୍ଷା ସମୟରେ ଜଳମଗ୍ନ ହୋଇପଡୁଛି।

# ଆମର ସଂକଳ୍ପ

୧. ଆମେ ବହୁମୁଖୀ ସଂଯୋଗୀକରଣ ବୃଦ୍ଧି ଏବଂ ବ୍ୟାପକ ବିକାଶମୂଳକ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରି ଭୁବନେଶ୍ୱର ଓ କଟକକୁ ବିଶ୍ୱସ୍ତରୀୟ ଯମଜ ସହରରେ ପରିଣତ କରିବୁ ।

୨. ଆମେ ପିଏମ୍.- ସୂର୍ଯ୍ୟଘର ନିଃଶୁଳ୍କ ବିଜୁଳି ଯୋଜନା ଜରିଆରେ ଓଡ଼ିଶାର ସହରାଞ୍ଚଳ ପରିବାରଗୁଡ଼ିକୁ ସୋଲାର ପ୍ୟାନେଲ ଯୋଗାଇବୁ ।

୩. ଆମେ 'ବର୍ଜ୍ୟବସ୍ତୁ ପରିଚାଳନା' ଯୋଜନା ଅଧୀନରେ ରାସ୍ତା ନିର୍ମାଣରେ ୮% ପର୍ଯ୍ୟନ୍ତ ବର୍ଜ୍ୟ ପ୍ଲାଷ୍ଟିକ୍ ବ୍ୟବହାରକୁ ବାଧ୍ୟତାମୂଳକ କରି 'ଆବର୍ଜନା ପର୍ବତ'କୁ ବିଲୋପ କରିବୁ ।

୪. ଆମେ ଏକ ବସ୍ତି ପୁନର୍ବାସ ଏବଂ ପରିଚାଳନା ନୀତି କାର୍ଯ୍ୟକାରୀ କରି ବସ୍ତିବାସିନ୍ଦାଙ୍କ ପାଇଁ ଏକ ଉପଯୁକ୍ତ ଜୀବନଧାରଣ ସୁନିଶ୍ଚିତ କରିବୁ ।

୫. ଆମେ ଛ' ମାସ ମଧ୍ୟରେ ଭୁବନେଶ୍ୱର, କଟକ ଏବଂ ରାଉରକେଲାଠାରେ ୨୪/୭ ସୁବିଧା ସହିତ ଅତ୍ୟାବଶ୍ୟକୀୟ ଷ୍ଟୋର /ବଜାର ସ୍ଥାପନ କରିବୁ ଏବଂ ପାଞ୍ଚବର୍ଷ ମଧ୍ୟରେ ସମଗ୍ର ଓଡ଼ିଶାର ସବୁ ସହରରେ ଏହି ମଡେ଼ଲକୁ ଲାଗୁ କରିବୁ ।

୬. ଆମେ ଅଧିକ ସଂଖ୍ୟାରେ ପୋଲିସ୍ କଣ୍ଟ୍ରୋଲ୍ ରୁମ୍ (ପି.ସି.ଆର୍.) ଓ ଭ୍ୟାନ୍ ପ୍ରବର୍ତ୍ତନ କରି ପୋଲିସର ପରିକ୍ରମା ସମୟକୁ ୬ 'ମିନିଟ୍‌ରୁ କମ୍ କରିବୁ ।



# 16 ଗ୍ରାମାଞ୍ଚଳ ବିକାଶ



## ମୋଦୀ ସରକାରଙ୍କ ସଫଳତା

- **ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା** ଅଧୀନରେ, 2014-2024 ମଧ୍ୟରେ ମୋଟ **41,181 କିଲୋମିଟର** ରାସ୍ତା, **₹19,529 କୋଟି** ବ୍ୟୟ ଅଟକଳ ସହିତ ସମ୍ପନ୍ନ ହୋଇଛି ।
- **ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)** ଅଧୀନରେ **2014 ରୁ 2024** ମଧ୍ୟରେ ମୋଟ **20,50,541 ଗ୍ରାମୀଣ ଘର** 1 ମାର୍ଚ୍ଚ 2024 ସୁଦ୍ଧା ନିର୍ମାଣ କରାଯାଇଛି ।
- **ଜଳ ଜୀବନ ମିଶନ** ଅଧୀନରେ ରାଜ୍ୟର **71.02% ପରିବାରକୁ** ଟ୍ୟାପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ସଂଯୋଗ ଯୋଗାଇ ଦିଆଯାଇଛି ।
- **ସୌଭାଗ୍ୟ ଯୋଜନା** ଅଧୀନରେ ମୋଦୀ ସରକାର ଓଡ଼ିଶାର **24,52,444 ଗ୍ରାମୀଣ ପରିବାରକୁ** ବିଦ୍ୟୁତକରଣ କରିବା ସହ **100% ବିଦ୍ୟୁତିକରଣର** ଲକ୍ଷ୍ୟ ହାସଲ କରିଛନ୍ତି ।
- **ସ୍ୱଚ୍ଛ ଭାରତ ମିଶନ** ଅଧୀନରେ ରାଜ୍ୟର **46,778 ଟି ଗ୍ରାମ ବାହ୍ୟ ମଳ ମୂତ୍ର ତ୍ୟାଗ ନିଷେଧ (ODF)** ମାନ୍ୟତା ହାସଲ କରିଛି ।

## ବିଜେଡି ସରକାରର ଅପାରଗତା

- ଓଡ଼ିଶାର **6,412 ଗାଁରେ** ଏବେ ବି **ସଡକ ସଂଯୋଗର ଅଭାବ** ରହିଛି ।
- ଓଡ଼ିଶାର **30 ଟି ଜିଲ୍ଲା ମଧ୍ୟରୁ 15 ଟିରେ ଜଳ ପ୍ରଦୂଷଣ ସମସ୍ୟା** ରହିଛି, ଏଥିରେ ଫ୍ଲୋରାଇଡ୍ ପରିମାଣ,ଲୌହ ଏବଂ ଲବଣ ଅଂଶ ରହିଛି ।
- **ପ୍ରଧାନମନ୍ତ୍ରୀ ଆବାସ ଯୋଜନା (PMAY)**ର ସର୍ବେକ୍ଷଣରୁ ଜଣାପଡିଛି ଯେ ଓଡ଼ିଶା ରୁ **27.26 ଲକ୍ଷ ହିତାଧିକାରୀ** ଏବେ ବି ଘର ପାଇଁ ଅପେକ୍ଷା କରୁଛନ୍ତି ମାତ୍ର ରାଜ୍ୟ ସରକାର ସେମାନଙ୍କୁ ଗୃହ ଯୋଗାଇବାରେ ବିଫଳ ହୋଇଛନ୍ତି ।

# ଆମର ସଂକଳ୍ପ

୧. ଆମେ  ଓଡ଼ିଶାର ପ୍ରତ୍ୟେକ ଗ୍ରାମରେ ଇଣ୍ଟରନେଟ୍, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତାବିକାଶ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସେବା ସୁନିଶ୍ଚିତ କରିବା ପାଇଁ **ଡ଼ିଜି ଗ୍ରାମ ଯୋଜନାର** ଶୁଭାରମ୍ଭ କରିବୁ।

୨. ଆମେ **ପିଏମ୍- ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା** ଜରିଆରେ ଓଡ଼ିଶାର ଗ୍ରାମୀଣ ପରିବାରଗୁଡ଼ିକୁ ସୋଲାର ପେନାଲ ଯୋଗାଇବୁ।

୩. ଆମେ ସମସ୍ତ ୧୯,୬୩୦ଟି ପୋଖରୀ ଏବଂ ହ୍ରଦର ପୁନରୁଦ୍ଧାର ପାଇଁ ରାଜ୍ୟବ୍ୟାପୀ ଅଭିଯାନ- **ମିଶନ୍ ମହାପୁଷ୍କରଣୀ** ଆରମ୍ଭ କରିବୁ।

୪. ଆମେ ଓଡ଼ିଶାର ସମସ୍ତ ଗ୍ରାମପଞ୍ଚାୟତ ଗୁଡ଼ିକରେ **ସୌରଶକ୍ତି ଚାଳିତ ଷ୍ଟ୍ରିଟ୍‌ଲାଇଟ୍** ଲଗାଇବୁ।

୫. **ଆମେ 'ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା'** ଆରମ୍ଭ କରି ସ୍ୱତନ୍ତ୍ର ବିକାଶ ସହାୟତା ଯୋଜନାରେ ଏକ କୋଟି ଟଙ୍କା ଆବଣ୍ଟନ କରିବୁ। ଏହା ଦ୍ୱାରା ଆମେ ଗ୍ରାମୀଣ ଲୋକଙ୍କୁ ଗ୍ରାମୀଣ ଭିତ୍ତିଭୂମିର ବିକାଶ ପାଇଁ ଉତ୍ସାହିତ କରିବୁ।

୬. ଆମେ ସ୍ଥାନୀୟ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ତିନିବର୍ଷ ପାଇଁ ସମସ୍ତ ଆକାଂକ୍ଷୀ ବ୍ଲକ୍‌କୁ **ବାର୍ଷିକ ୫ କୋଟି ଟଙ୍କାର** ସହାୟତା ଆବଣ୍ଟନ କରିବୁ।

୭. ଆମେ ସମଗ୍ର ଓଡ଼ିଶାରେ ସମସ୍ତ ପଲ୍ଲୀସଭା ଏବଂ ଗ୍ରାମସଭା ଗୁଡ଼ିକର ନିୟମିତ କାର୍ଯ୍ୟକାରୀତା ଏବଂ ସାମୟିକ ବୈଠକକୁ ସୁନିଶ୍ଚିତ କରିବୁ।



# 17 ଆଞ୍ଚଳିକ ବିକାଶ

## (କ) ଉତ୍ତର ଓଡ଼ିଶା

୧. ଆମେ କେନ୍ଦୁଝରରେ ଛଅଶହ (୬୦୦) ଶଯ୍ୟାବିଶିଷ୍ଟ ଏକ ମଲ୍ଟି ସ୍ପେସାଲିଟି ହସ୍‌ପିଟାଲ୍ ନିର୍ମାଣ କରିବୁ ।

୨. ବାଲେଶ୍ୱରରୁ ମୟୁରଭଞ୍ଜକୁ ସଂଯୋଗ କରୁଥିବା **ନୀଳଗିରି-ବେତନଟୀ ରେଳପ୍ରକଳ୍ପ** କାର୍ଯ୍ୟକୁ ତ୍ୱରାନ୍ୱିତ କରିବୁ ।

୩. ଆମେ ଜନଜାତିମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ସମସ୍ୟାର ସମାଧାନ ପାଇଁ ମୟୂରଭଞ୍ଜରେ ଏକ **ଫାଷ୍ଟଟ୍ରାକ୍ କୋର୍ଟ** ପ୍ରତିଷ୍ଠା କରିବୁ ।

୪. ଆମେ **'ଧୋକରା'** ଭଳି ପ୍ରଚଳିତ କଳା ଏବଂ ଛଉନୃତ୍ୟ ଭଳି ଲୋକନୃତ୍ୟକୁ ପ୍ରୋତ୍ସାହନ ଦେବା ଲାଗି ମୟୂରଭଞ୍ଜ କଳା ଓ ଭାସ୍କର୍ଯ୍ୟ ପ୍ରୋତ୍ସାହନ ନୀତି - ୨୦୨୪ ପ୍ରଣୟନ କରିବୁ ଯେଉଁଥିରେ ବିପଣନ ଓ ନବସୃଜନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

୫. ଆମେ ସାଂସ୍କୃତିକ ଗୁରୁତ୍ୱ ଏବଂ ଧାର୍ମିକ ପର୍ଯ୍ୟଟନକୁ ବୃଦ୍ଧି କରିବା ପାଇଁ କେନ୍ଦୁଝରର ମାଆ ତାରିଣୀ ମନ୍ଦିର ଏବଂ ଭଦ୍ରକର ଭଦ୍ରକାଳୀ ମନ୍ଦିର ପରି ପବିତ୍ର ସ୍ଥାନଗୁଡ଼ିକୁ **ବିକାଶ** କରିବୁ ।



# (ଖ) ଦକ୍ଷିଣ ଓଡ଼ିଶା

୧. ଆମେ ଶିଳ୍ପ ସହରକୁ ବନ୍ଦର ସହିତ ସଂଯୋଗ କରୁଥିବା **ରାୟଗଡ଼ା-ଗୋପାଳପୁର** ମଧ୍ୟରେ ୨୫୮ କି.ମି ରେଳ ସଂଯୋଗର କାର୍ଯ୍ୟକୁ ତ୍ୱରାନ୍ୱିତ କରିବୁ ।

୨. ଆମେ ଜୟପୁରରେ **୭୦୦ ଶଯ୍ୟାବିଶିଷ୍ଟ** ଏକ ମଲଟି ସ୍ପେଶାଲିଟି ହସପିଟାଲ୍ ନିର୍ମାଣ କରିବୁ।

୩. ଆମେ ପ୍ରସ୍ତାବିତ **ଜୟପୁର-ମାଲକାନଗିରି ରେଳଲାଇନ୍** ଏବଂ **ଜୟପୁର-ନବରଙ୍ଗପୁର ରେଳ ଲାଇନ୍** ପାଇଁ ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବୁ ଏବଂ ପ୍ରକଳ୍ପଗୁଡ଼ିକୁ ମିଶନ୍ ମୋଡ଼ରେ ସମାପ୍ତ କରିବୁ।

୪. ଆମେ ଜନଜାତିମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ସମାଧାନ ପାଇଁ ନବରଙ୍ଗପୁରରେ ଏକ **ଫାଷ୍ଟଟ୍ରାକ୍ କୋର୍ଟ** ପ୍ରତିଷ୍ଠା କରିବୁ।

୫. ଆମେ **କଫିଚାଷ** କରୁଥିବା ପରିବାରଗୁଡ଼ିକର **ଆୟବୃଦ୍ଧି** ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବୁ :-

- କୋରାପୁଟ ଅନ୍ତର୍ଗତ ଲକ୍ଷ୍ମୀପୁରରେ ଏକ କଫି ପ୍ରକ୍ରିୟାକରଣ କାରଖାନା ସ୍ଥାପନ କରିବୁ।
- ଛଅଟି ଜିଲ୍ଲାକୁ କଫିଚାଷ ସଂପ୍ରସାରଣ କରିବୁ। (କୋରାପୁଟ, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ ଓ କେନ୍ଦୁଝର)
- ୨୦୨୭ ସୁଦ୍ଧା ଉତ୍ପାଦନ ୨୦ ହଜାର ମେଟ୍ରିକ ଟନ୍‌କୁ ବୃଦ୍ଧି କରିବୁ।
- ୨୦୨୭ ସୁଦ୍ଧା ଚାଷଜମି ୪୦ ହଜାର ହେକ୍ଟରକୁ ବୃଦ୍ଧି କରିବୁ। କଫି ଚାଷ, କଫି ପ୍ରକ୍ରିୟାକରଣ ଏବଂ ଏହାର ଜିଣାବିକା ରେ ସ୍ୱୟଂସହାୟକ ମହିଳା ଗୋଷ୍ଠୀ (ଏସ୍ ଏଚ୍‌ଜି)ଙ୍କୁ ସାମିଲ କରି ନିୟୋଜିତ କରିବୁ ।

୬. ଆମେ **ସ୍ୱତନ୍ତ୍ର ଉଦ୍ୟୋଗଗୁଡ଼ିକୁ** ପ୍ରୋତ୍ସାହନ ଦେଇ ଦକ୍ଷିଣ ଓଡ଼ିଶାର ଅର୍ଥବ୍ୟବସ୍ଥାକୁ ଦ୍ରୁତ ଗତିରେ ଆଗେଇ ନେବୁ ।

- ବିଶେଷକରି ସ୍ପିନିଂଗ ଏବଂ ଜିନିଂ ପାଇଁ ରାୟଗଡ଼ାଠାରେ ଏକ କପା ପ୍ରକ୍ରିୟାକରଣ କାରଖାନା ପ୍ରତିଷ୍ଠା କରିବୁ ।
- ନବରଙ୍ଗପୁରର ଉମରକୋଟ୍‌ଠାରେ ମକା ପ୍ରକ୍ରିୟାକରଣ କାରଖାନା ପ୍ରତିଷ୍ଠା କରିବୁ ।
- କନ୍ଧମାଳ ର ଫୁଲବାଣୀଠାରେ ଏକ ମସଲା ପାର୍କ ପ୍ରତିଷ୍ଠା କରିବୁ ।



# (ଗ) ପଶ୍ଚିମ ଓଡ଼ିଶା

୧. ଆମେ ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ କଳାହାଣ୍ଡିରେ ତିନୋଟି ସମନ୍ୱିତ **ବୟନଶିଳ୍ପ ପାର୍କ** ଏବଂ ସମ୍ବଲପୁରରେ ଗୋଟିଏ **ହସ୍ତତନ୍ତ ରପ୍ତାନୀ ପାର୍କ** ସ୍ଥାପନ କରି ୫୧ ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବୁ।

୨. ଆମେ ଯୁଯୁମୁରାଠାରେ ଏକ ପରୀକ୍ଷାମୂଳକ ଅତ୍ୟାଧୁନିକ **"ଏକଲବ୍ୟ ତୀରନ୍ଦାଜୀ ବିଦ୍ୟାଳୟ"** ପ୍ରତିଷ୍ଠା କରି ଜନଜାତି କ୍ରିଡ଼ାବିତ୍‌ମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରିବୁ।


୩. ଆମେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟକୁ କେନ୍ଦ୍ରୀୟମାନ୍ୟତା ପ୍ରଦାନ ପାଇଁ ପ୍ରସ୍ତାବ ଆରମ୍ଭ କରିବୁ।

୪. ଆମେ କେନ୍ଦ୍ରର ସହଯୋଗ ଦ୍ୱାରା **'ସମ୍ବଲପୁରୀ'** ଏବଂ **'ହୋ'** ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବୁ।

୫. ଆମେ ବରଗଡ଼ସ୍ଥିତ ବରପାଲୀଠାରେ ଏକ ବିଶ୍ୱସ୍ତରୀୟ **ଗଙ୍ଗାଧର ମେହେର କଳା ଓ ସଂସ୍କୃତି ଗବେଷଣା କେନ୍ଦ୍ର** ନିର୍ମାଣ କରି ସମ୍ବଲପୁରୀ କଳା, ସଂଗୀତ ଓ ସାହିତ୍ୟର ଗବେଷଣା ଓ ପୁରସ୍କାରକୁ ପ୍ରୋତ୍ସାହନ ଦେବୁ।

୬. ଆମେ **ଧନୁଯାତ୍ରା ମହୋତ୍ସବକୁ** ବିଶ୍ୱ ସାଂସ୍କୃତିକ ଐତିହ୍ୟରେ (ଆଇସିଏଚ୍) ତାଲିକାଭୁକ୍ତ ପାଇଁ ପ୍ରସ୍ତାବ ଆଣିବୁ ଏବଂ ମନୋନୀତ କରିବୁ। ଧନୁଯାତ୍ରାରେ ପ୍ରଦର୍ଶନ କରୁଥିବା ପ୍ରତ୍ୟେକ କଳାକାରଙ୍କ ପାଇଁ ୧୦ ହଜାର ଟଙ୍କା ସମ୍ମାନ ରାଶି ଦେବୁ।

୭. ଆମେ ସୁନ୍ଦରଗଡ଼ଠାରେ ଛଅଶହ (୬୦୦) ଶଯ୍ୟା ବିଶିଷ୍ଟ ଏକ ମଲ୍ଟିସ୍ପେଶାଲିଟି ହସ୍‌ପିଟାଲ ନିର୍ମାଣ କରିବୁ।



# NOTES

# NOTES

4R -3/1, ୟୁନିଟ-3, ଜନପଥ

# ଭୁବନେଶ୍ୱର

751001, ଓଡ଼ିଶା।

ଦୁଇଥର ପଦ୍ମ ଦୁଇଗୁଣା ବିକାଶ

## ଓଡ଼ିଶାରେ ହେବ ବିଜେପି ସରକାର